ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.26 . No.21 Bhubaneswar Saturday February 25 2023 ୨୬ତମ ବର୍ଷ ସଂଖ୍ୟା–୨୧ ଭୁବନେଶ୍ୱର, ଶନିବାର, ଫେବୃଆରୀ ୨୫, ୨୦୨୩ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

ଓଡିଶା ଇତିହାସରେ ସର୍ବକାଳୀନ ରେକର୍ଡ: ୨.୩୦ଲକ୍ଷ କୋଟି ଟଙ୍କାର ବଜେଟ୍

ଭୁବନେଶ୍ୱର,୨୪।୨(ପି.ଏନ): ଓଡିଶା ଇତିହାସରେ ପ୍ରଥମଥର ପାଇଁ ରାଜ୍ୟ ସରକାର ଆଜି ବିଧାନସଭାରେ ୨୦୨୩-୨୪ ଆର୍ଥିକ ବର୍ଷରେ ରେକର୍ଡ ପରିମାଣର ୨.୩୦ଲକ୍ଷ କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରିଛନ୍ତି । ୨୦୨୨-୨୩ ଆର୍ଥିକ ବର୍ଷ ତୁଳନାରେ ବଜେଟର ପରିମାଣ ୧୫% ବୃଦ୍ଧି ପାଇଛି । ସାଧାରଣ ନିର୍ବାଚ୍‌ନକୁ ଦୃଷ୍ଟିରେ ରଖି ସରକାର ଏହି ବଜେଟରେ ୨୦ରୁ ଅଧିକ ନୂଆ ଯୋଜନା ଓ କାର୍ଯ୍ୟକ୍ରମ ଘୋଷଣା କରିବା ସହ ସ୍ୱାସ୍ଥ୍ୟ, ଗ୍ରାମ୍ୟ ଭିତ୍ତିଭୂମି, ଯୁବବର୍ଗ, ମହିଳାଙ୍କ ସମେତ ଅନୁସୂଚିତ ଜାତି,ଜନଜାତି ଓ ପଛୁଆ ବର୍ଗର କଲ୍ୟାଣକୁ ପ୍ରାଥମିକତା ଦେଇଛନ୍ତି ।ସମସ୍ତଙ୍କୁ ସ୍ୱାସ୍ଥ୍ୟ ସେବା, ସାମାଜିକ ନିରାପତ୍ତା, ମାନବ ସମ୍ବଳର ବିକାଶ, ସାମାଜିକ ଭିତ୍ତିଭୂମିରେ ନିବେଶ ଆଦି ଉପରେ ବଜେଟରେ ଗୁରୁତ୍ୱ ରହିଛି । ନିର୍ବାଚ୍‌ନକୁ ଆଖିରେ ରଖି ନିଜର ପୁରୁଣା ଯୋଜନା ଓ କାର୍ଯ୍ୟକ୍ରମକୁ ଚ୍‌ଳାଇ ରଖିବାକୁ ବଜେଟରେ ରାଜ୍ୟ ସରକାରଙ୍କ ବେଶ୍ କସରତ କରିବାକୁ ପଡିଛି । ମୋଟ ବଜେଟ ବ୍ୟୟବରାଦର ୫୪.୪% ଅର୍ଥାତ ୧.୨୫ଲକ୍ଷ କୋଟି ଟଙ୍କା କେବଳ କାର୍ଯ୍ୟକ୍ରମ ବ୍ୟୟରେ ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖାଯାଇଛି । ଯାହାକି ୨୦୨୨-୨୩ ଆର୍ଥିକ ବର୍ଷ ତୁଳନାରେ ୨୫% ଅଧିକ ।

୯୭ ହଜାର କୋଟି ଟଙ୍କାର ଋଣ: ସର୍ବନିମ୍ନସ୍ତରରେ ରାଜ୍ୟର ଋଣବୋଝ

ଭୁବନେଶ୍ୱର,୨୪।୨(ପି.ଏନ): ୨୦୨୨-୨୩ ଆର୍ଥିକ ବର୍ଷର ଶେଷ ସୁଦ୍ଧା ଅର୍ଥାତ ଚ୍‌ଳିତବର୍ଷ ମାର୍ଚ୍ଚ ମାସ ଶେଷସୁଦ୍ଧା ରାଜ୍ୟର ଋଣବୋଝ ୯୭ହଜାର ୩୭କୋଟି ୬୮ଲକ୍ଷ ଟଙ୍କାରେ ସୀମିତ ରହିବ। ଯାହାକି ସର୍ବନିମ୍ନସ୍ତରରେ ତଥା ରାଜ୍ୟ ଜିଡିପିର ୧୨.୬୭ପ୍ରତିଶତ । ରାଜ୍ୟ ସରକାର ରାଜ୍ୟ ଜିଡିପିର ୨୫ ପ୍ରତିଶତ ପର୍ଯ୍ୟନ୍ତ ଅର୍ଥକୁ ଋଣ ଆକାରରେ ଆଣିବା ପାଇଁ ସକ୍ଷମ ହୋଇଥିଲେ ମଧ୍ୟ ଗତ କିଛିବର୍ଷ ଧରି ରାଜ୍ୟ ସରକାର ନିଜର ଋଣବୋଝକୁ କ୍ରମାଗତ ହ୍ରାସ କରିବାରେ ଲାଗିଛନ୍ତି । ଆଉ ରାଜ୍ୟ ସରକାରଙ୍କ ପାଇଁ ଓଏମବିଡିସି ଓ କାମ୍ପା ପାଣ୍ଠି ଏବେ ବରଦାନ ସାବ୍ୟସ୍ତ ହୋଇଛି । ଏହି ଦୁଇଟି ସ୍କିମରେ ଥିବା ବଳକା ପାଣ୍ଠିରୁ ପ୍ରାୟ ୬୦ ପ୍ରତିଶତ ପର୍ଯ୍ୟନ୍ତ ଅର୍ଥ ଖର୍ଚ୍ଚକୁ ସ୍ୱଳ୍ପମିଆଦୀ କମ୍ ସୁଧ ହାରରେ ଋଣ କରିବାର ଅନୁମତି ଥିବାରୁ ରାଜ୍ୟ ସରକାର ଏବେ ବ୍ୟବସ୍ଥିତ ଢଙ୍ଗରେ ନିଜର ଋଣ ପରିଚାଳନା କରିଥିବା ଜଣାପଡିଛି ।ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ ଉପସ୍ଥାପିତ ବଜେଟ୍ ଦସ୍ତାବିଜ ଅନୁସାରେ, ୨୦୨୩-୨୪ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଜ୍ୟର ମୋଟ ଋଣବୋଝ ୧,୧୨,୮୮୧ .୬୨ କୋଟି ଟଙ୍କା ଛୁଇଁବ । ତେବେ ୨୦୨୨-୨୩ ଆର୍ଥିକ ବର୍ଷ ପ୍ରାରମ୍ଭରେ ରାଜ୍ୟର ମୋଟ ଋଣବୋଝ ୯୭ହଜାର ୨୦୪କୋଟି ୪୯ଲକ୍ଷ ଟଙ୍କା ଥିବାବେଳେ ବର୍ଷ ଶେଷବେଳକୁ ତାହା ୯୭ହଜାର ୩୭କୋଟି ୬୮ଲକ୍ଷ ଟଙ୍କାକୁ ହ୍ରାସ ପାଇଛି । ଅବଶ୍ୟ ଏହି ଅବଧିରେ ରାଜ୍ୟ ସରକାର ଖୋଲା ବଜାରରୁ ଆଣିଥିବା ଉଚ୍ଚସୁଧଯୁକ୍ତ ଋଣରୁ ପ୍ରାୟ ୭ହଜାର ୫୦୦କୋଟି ଟଙ୍କା ପରିଶୋଧ କରିଛନ୍ତି ।

ଜିଲ୍ଲା ନିବେଶ ପ୍ରୋତ୍ସାହନ ଏଜେନ୍ସି ସ୍ଥାପନା ହେବ

ଭୁବନେଶ୍ୱର, ୨୪।୨(ପି.ଏନ): ୨୦୨୩-୨୪ ଆର୍ଥିକ ବର୍ଷରେ ଶିଳ୍ପ ବିଭାଗ ପାଇଁ ୭ଶହ ୯୦ କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ରହିଛି । ବଜେଟ ଅଭିଭାଷଣ ବେଳେ ଅର୍ଥ ମନ୍ତ୍ରୀ ନିରଂଜନ ପୂଜାରୀ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ୨୦୨୮-୧୯ ଆର୍ଥିକ ବର୍ଷର ପ୍ରାୟ ୭୦ କୋଟି ଟଙ୍କା ବଜେଟ୍ ତୁଳନାରେ ଏହା ୧୦ ଗୁଣ ଅଧିକ ଅଟେ। ଓଡ଼ିଶାକୁ ଏକ ପ୍ରମୁଖ ଶିଳ୍ପସ୍ଥଳୀରେ ପରିଣତ କରିବା ପାଇଁ ସରକାର ଦୃଢ଼ ପ୍ରତିଶ୍ରୁତିବଦ୍ଧ। ଆମ ସରକାର ବଜେଟ୍‌ରେ ୧୫ କୋଟି ଟଙ୍କାର ବ୍ୟୟବରାଦ ସହିତ ଏକ ନୂତନ ଯୋଜନା- ଜିଲ୍ଲା ନିବେଶ ପ୍ରୋତ୍ସାହନ ଏଜେନ୍ସିର ପ୍ରସ୍ତାବ ରଖିଛନ୍ତି। ରାଜ୍ୟରେ ଲ୍ୟାଣ୍ଡ ବ୍ୟାଙ୍କ ପାଇଁ ୨ଶହ କୋଟି ଟଙ୍କା, କ୍ଲଷ୍ଟର ଡେଭଲପମେଂଟ ପାଣ୍ଠି ଅଧିନରେ ୨ଶହ ୮୦ କୋଟି ଟଙ୍କା, ଭଦ୍ରକର ଧାମରା ଠାରେ ମେଗା ଟେକ୍ସଟାଇଲ୍ ପାର୍କର ବିକାଶ ପାଇଁ ୨୦ କୋଟି ଟଙ୍କା, ପିସିପିଆଆର୍ ପାଇଁ ପାରାଦ୍ୱୀପରେ ଏକ ସାଧାରଣ ବର୍ଜ୍ୟବସ୍ତୁ ବିଶୋଧନ ପ୍ଲାଂଟ ନିର୍ମାଣ ପାଇଁ ୨୦ କୋଟି ଟଙ୍କା, ଡାଉନ୍ ଷ୍ଟିମ୍ ମେଟାଲ୍ ଇଣ୍ଡଷ୍ଟ୍ରିଜକୁ ୪୫ କୋଟି ଟଙ୍କା ଆର୍ଥିକ ସହାୟତାରେ ବ୍ୟୟବରାଦ ପ୍ରସ୍ତାବ ରହିଛି ।

ପ୍ରାକୃତିକ ବିପର୍ଯ୍ୟୟ: ୯ବର୍ଷରେ ରାଜ୍ୟର ୨୫ହଜାର କୋଟି କ୍ଷତି

ଭୁବନେଶ୍ୱର,୨୪।୨(ପି.ଏନ): ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ଓଡିଶାକୁ ଗତ ୯ବର୍ଷ ମଧ୍ୟରେ ପ୍ରାୟ ୨୪୯୯୧ହଜାର କୋଟି ଟଙ୍କାର ଆର୍ଥିକ କ୍ଷତି ସହିବାକୁ ପଡିଛି । ପ୍ରତିବର୍ଷ ବନ୍ୟା, ବାତ୍ୟା ଓ ମରୁଡି ଯୋଗୁ ଧନଜୀବନ ହାନି ସହ ସାର୍ବଜନୀନ ସମ୍ପତ୍ତି ଓ ଫସଲ ଆଦି ନଷ୍ଟ ହେଉଥିବାରୁ ରାଜ୍ୟର ଆର୍ଥିକ ପ୍ରଗତିରେ ଏହା ପ୍ରତିବନ୍ଧକ ହୋଇଥିବା ଜଣାପଡିଛି ।ରାଜ୍ୟ ଅର୍ଥ ବିଭାଗର ତଥ୍ୟ ଅନୁସାରେ, ୨୦୧୪ ମସିହାରୁ ଓଡିଶା ନିୟମିତ ଭାବେ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଆର୍ଥିକ କ୍ଷତି ସହିଛି । ଓଡିଶା ୨୦୧୪ ମସିହାରେ ବାତ୍ୟା ହୁଡୁହୁଡୁ ଯୋଗୁ ୪୯୪୯ କୋଟି ଟଙ୍କା କ୍ଷତି ସହିଥିବାବେଳେ ୨୦୧୫ରେ ମରୁଡି ଯୋଗ ୨୩୪୫କୋଟି, ୨୦୧୬ରେ ବନ୍ୟା ଯୋଗୁ ୨୧୬କୋଟି ଟଙ୍କା, ୨୦୧୮ ମସିହାରେ ବାତ୍ୟା ତିତଲି ଓ ବନ୍ୟା ଯୋଗୁ ୨୭୭୯.୩୨କୋଟି ଟଙ୍କା ଏବଂ ମରୁଡି ଯୋଗୁ ୧୫୩୪.୮୨କୋଟି ଟଙ୍କା, ୨୦୧୯ରେ ବାତ୍ୟା ଫନି ଯୋଗୁ ୯୩୩୭.୨୭କୋଟି ଟଙ୍କା ଓ ବାତ୍ୟା ବୁଲବୁଲରେ ୨୨୪.୪୩କୋଟି ଟଙ୍କା, ୨୦୨୦ରେ ବାତ୍ୟା ଅମ୍ପାନ ଯୋଗୁ ୨୩୬.୬୮କୋଟି ଟଙ୍କା, ବନ୍ୟାରେ ୧୫୦୯.୩୩କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିଲା । ସେହିପରି ୨୦୨୧ ମସିହାରେ ବାତ୍ୟା ୟସରେ ୮୨୩.୪୯କୋଟି ଟଙ୍କା, ବାତ୍ୟା ଗୁଲାବରେ ୩୫.୬୯କୋଟି ଟଙ୍କା ଓ ବାତ୍ୟା ଜୱାଦରେ ୩୭୬.୬୫କୋଟି ଟଙ୍କା କ୍ଷତି ହୋଇଥିଲା । ୨୦୨୨ରେ ବନ୍ୟା ଓ ପ୍ରବଳ ବର୍ଷା ଯୋଗୁ ୫୯୧.୫୭କୋଟି ଟଙ୍କାର ଆର୍ଥିକ କ୍ଷତି ହୋଇଛି ।୨୦୧୪ରୁ ୨୦୨୨ ମସିହା ମଧ୍ୟରେ ଓଡିଶା ସମ୍ମୁଖୀନ ହୋଇଥିବା ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ରାଜ୍ୟକୁ ମୋଟ ୨୪୯୯୧. ୧୧କୋଟି ଟଙ୍କାର କ୍ଷତି ସହିବାକୁ ପଡିଥିବା ଜଣାପଡିଛି । ଏହି ଆର୍ଥିକ କ୍ଷତି ମଧ୍ୟରେ ଫସଲ ନଷ୍ଟ, ସାର୍ବଜନୀନ ଭିତ୍ତିଭୂମି ଓ ଧନଜୀବନ ନଷ୍ଟ ସହ ବ୍ୟକ୍ତିଗତ ସମ୍ପତ୍ତି ନଷ୍ଟ ସାମିଲ ଅଛି ।

ଚଳିତ ବଜେଟ ରାଜ୍ୟବାସୀଙ୍କୁ ନିରାଶ କରିଛି : ସମୀର ମହାନ୍ତି

ଭୁବନେଶ୍ୱର,୪।୨(ପି.ଏନ) :ରାଜ୍ୟ ବଜେଟର କଳେବର ବୃଦ୍ଧି ପାଇ ୨.୩୦ ଲକ୍ଷ କୋଟି ପହଂଚିଥିବାର ଆସ୍ପାଳନ କରୁଛନ୍ତି ରାଜ୍ୟ ସରକାର । ମାତ୍ର ବଜେଟ ଆକଳନର ଶତାଂଶ ହିସାବରେ ବ୍ୟୟ ବର୍ଷ ବର୍ଷ ଧରି ହ୍ରାସ ପାଉଥିବା ତଥ୍ୟକୁ କାହିଁକି ରାଜ୍ୟ ସରକାର ଲୁଚାଇ ରଖିଛନ୍ତି ? ବର୍ଷ ବର୍ଷ ଧରି ବଳକା ରାଜସ୍ୱର ବଜେଟ୍ ଆଣୁଥିବା କଥା କୁହାଯାଉଛି । ତେଣୁ ଚଳିତ ବଜେଟରେ ରାଜ୍ୟ ସରକାର ଋଣ ବୋଝ ହାଲୁକା କରି ରାଜ୍ୟବାସୀଙ୍କୁ ଆଶ୍ୱସ୍ତି ଦେବେ ବୋଲି ଆଶା କରାଯାଉଥିଲା । କିନ୍ତୁ ସେ ସବୁ ଅର୍ଥନୈତିକ ମାପଦଣ୍ଡରେ ଚଳିତ ବଜେଟ ରାଜ୍ୟବାସୀଙ୍କୁ ନିରାଶ କରିଛି ବୋଲି ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ।ସେ କହିଛନ୍ତି ଯେ ରାଜ୍ୟରେ ଶିଳ୍ପ କ୍ଷେତ୍ର ପ୍ରାୟ ସୁପ୍ତାବସ୍ଥାରେ, ନିଯୁକ୍ତି ସୃଷ୍ଟି ଶୁନ୍ୟ, ଭିତିଭୁମି ବିକାଶ ପାଇଁ କୌଣସି ଯୋଜନା ନଥିବାବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ୮.୫ ପ୍ରତିଶତ ରହିବ? ମୁଣ୍ଡ ପିଛା ଆୟ ବୃଦ୍ଧି ପାଇଛି ବୋଲି କହୁଥିବାବେଳେ ରାଜ୍ୟରେ ଦାରିଦ୍ର୍ୟ କାହିଁକି ହ୍ରାସ ପାଉନାହିଁ ? ୨୩ ବର୍ଷର ଶାସନ ପରେ ବି ଯେଉଁ ଭଳି ଭାବେ ରାଜ୍ୟର ଆର୍ଥୀକ ପ୍ରଗତି ହେବା କଥା ତାହା ହୋଇ ପାରିଲା ନାହିଁ ? କୁହାଯାଉଛି ଦେଶର ସମସ୍ତ ପ୍ରମୁଖ ରାଜ୍ୟମାନଙ୍କ ମଧ୍ୟରେ କାଳେ ଓଡିଶାର ମୋଟ ବଜେଟ ବ୍ୟୟ ଓ ପୁଞ୍ଜି ବ୍ୟୟର ଅନୁପାତ ସର୍ବାଧିକ । କିନ୍ତୁ, ୨୦୧୯ ରୁ ୨୦୨୨ ମଧ୍ୟରେ ଦେଶର ୧୦ଟି ପ୍ରମୁଖ ରାଜ୍ୟ ଯଥା, ଉତରପ୍ରଦେଶ, ମହାରାଷ୍ଟ୍ର, ତାମିଲନାଡୁ, କର୍ଣ୍ଣାଟକ, ମଧ୍ୟପ୍ରଦେଶ ବିହାର, ଗୁଜୁରାଟ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ ରାଜସ୍ଥାନ ସମସ୍ତ ରାଜ୍ୟ କରିଥିବା ପୁଞ୍ଜି ବ୍ୟୟର ୭୭ ପ୍ରତିଶତ ଖର୍ଚ୍ଚ କରିଥାନ୍ତି । ଓଡିଶା ରାଜ୍ୟ ଏହି ତାଲିକାରେ ନାହିଁ। ଉଲ୍ଲେଖ ଯୋଗ୍ୟ ଯେ, ଓଡିଶା ଗତ ୪ ବର୍ଷରେ ଲଗାତାର ଭାବେ ରାଜସ୍ୱ ବଳକା ବଜେଟ ଆଣିବାରେ ଦେଶର ଏକମାତ୍ର ରାଜ୍ୟ । ତେଣୁ ଆଶା କରାଯାଉଥିଲା ଯେ ରାଜ୍ୟର ପୁଞ୍ଜି ବ୍ୟୟ ଦେଶର ପ୍ରମୁଖ ରାଜ୍ୟମାନଙ୍କ ସହିତ ସମକ୍ଷକ ହେବ । ସେ ଦୃଷ୍ଟି କୋଣରୁ ଏହି ବଜେଟ୍ ରାଜ୍ୟବାସୀଙ୍କୁ ନିରାଶ କରିଛି ।ଓଡିଆ ଜାତିର ଅସ୍ମିତାର ପ୍ରତୀକ ଓଡିଆ ବିଶ୍ୱ ବିଦ୍ୟାଳୟ ପାଇଁ ଚଳିତ ବଜେଟରେ ୨୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । କିନ୍ତୁ, ୬ ବର୍ଷ ତଳେ ଏହି ବିଶ୍ୱବିଦ୍ୟାଳୟର ଶୁଭ ସ୍ୱୟଂ ମୁଖ୍ୟମନ୍ତ୍ରୀ କରିଥିଲେ । ପ୍ରକଳ୍ପ ସ୍ଥାନରେ ଏହି ୬ ବର୍ଷ ଭିତରେ ଇଟା ଖଣ୍ଡିଏଟି ପଡିଲା ନାହିଁ । ଏଭଳି ଅନେକ ଅଧୁରା ସ୍ୱପ୍ନର ସୌଦାଗର ସାଜିଛନ୍ତି ରାଜ୍ୟ ସରକାର ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

ଭାରତର ଜି୨୦ ଅଧ୍ୟକ୍ଷତା ଅଧୀନରେ ଅର୍ଥମନ୍ତ୍ରୀ ଓ କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ଣ୍ଣରମାନଙ୍କ ପ୍ରଥମ ବୈଠକକୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ , ୨୪।୨(ପି.ଏନ): - ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡିଓ ବାର୍ତା ଜରିଆରେ ଭାରତର ଜି୨୦ ଅଧ୍ୟକ୍ଷତାରେ ଅର୍ଥମନ୍ତ୍ରୀ ଓ କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ଣ୍ଣରମାନଙ୍କ ପ୍ରଥମ ବୈଠକକୁ ସମ୍ବୋଧିତ କରିଛନ୍ତି ।ସମାରୋହକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଏହା ହେଉଛି ଭାରତର ଜି୨୦ ଅଧ୍ୟକ୍ଷତା ଅଧୀନରେ ପ୍ରଥମ ମନ୍ତ୍ରୀସ୍ତରୀୟ ଆଲୋଚନା କାର୍ଯ୍ୟକ୍ରମ । ଏହି ବୈଠକ ଫଳପ୍ରଦ ହେବା ନେଇ ସେ ଶୁଭେଚ୍ଛା ଜଣାଇଥିଲେ । ବର୍ତ୍ତମାନ ସମୟରେ ବିଶ୍ୱ ସମ୍ମୁଖିନ ହେଉଥିବା ସମସ୍ୟା ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆଜିର ବୈଠକରେ ଭାଗ ନେଇଥିବା ଅଂଶଗ୍ରହଣକାରୀମାନେ ବିଶ୍ୱ ଅର୍ଥ ଏବଂ ଅର୍ଥବ୍ୟବସ୍ଥାର ନେତୃତ୍ୱମାନଙ୍କୁ ପ୍ରତିନିଧିତ୍ୱ କରୁଛନ୍ତି। ବିଶ୍ୱ ଗମ୍ଭୀର ଆର୍ଥିକ ସଙ୍କଟ ମଧ୍ୟ ଦେଇ ଗତି କରୁଥିବା ସମୟରେ ଏହି ପ୍ରତିନିଧିମାନେ ଏକାଠି ହୋଇଛନ୍ତି । ପ୍ରଧାନମନ୍ତ୍ରୀ ତାଙ୍କର ଅଭିଭାଷଣରେ କୋଭିଡ ମହାମାରୀ ଏବଂ ବିଶ୍ୱ ଅର୍ଥବ୍ୟବସ୍ଥା ଉପରେ ଏହାର ପ୍ରଭାବ, ବର୍ଦ୍ଧିତ ଭୂ-ରାଜନୈତିକ ଉତ୍ତେଜନା, ବିଶ୍ୱ ଯୋଗାଣ ଶୃଙ୍ଖଳରେ ଦେଖା ଦେଇଥିବା ଅବରୋଧ, ଦରଦାମ ବୃଦ୍ଧି, ଖାଦ୍ୟ ଓ ଇନ୍ଧନ ସୁରକ୍ଷା, ବିଶ୍ୱର ବିଭିନ୍ନ ରାଷ୍ଟ୍ରର ଆର୍ଥିକ ସ୍ଥିରତାକୁ ପ୍ରଭାବିତ କରୁଥିବା ଅସ୍ଥିର ଋଣ ସ୍ତର ଏବଂ ଦ୍ରୁତ ସଂସ୍କାରକୁ କାର୍ଯ୍ୟକାରୀ କରିବାରେ ଅନ୍ତର୍ଜାତୀୟ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକର ବିଫଳତା କାରଣରୁ ସେମାନଙ୍କ ପ୍ରତି ରହିଥିବା ବିଶ୍ୱାସ ହ୍ରାସ ପାଇବା ଭଳି ଘଟଣାର ଉଦାହରଣ ଦେଇଥିଲେ । ଶ୍ରୀ ମୋଦୀ ଆଲୋକପାତ କରି କହିଥିଲେ ଯେ, ଦୁନିଆର ଅଗ୍ରଣୀ ଅର୍ଥବ୍ୟବସ୍ଥା ଓ ଆର୍ଥିକ ବ୍ୟବସ୍ଥା ଉପରେ ବିଶ୍ୱ ଅର୍ଥବ୍ୟବସ୍ଥାରେ ସ୍ଥିରତା, ଆତ୍ମବିଶ୍ୱାସ ଓ ଅଭିବୃଦ୍ଧି ଫେରାଇ ଆଣିବାର ଦାୟିତ୍ୱ ନ୍ୟସ୍ତ ରହିଛି। ଭାରତୀୟ ଅର୍ଥବ୍ୟବସ୍ଥାର ସକ୍ରିୟତା ବିଷୟରେ ଉଲ୍ଲେଖ କରି, ପ୍ରଧାନମନ୍ତ୍ରୀ ଭାରତୀୟ ଅର୍ଥବ୍ୟବସ୍ଥାର ଭବିଷ୍ୟତ ପାଇଁ ଦେଶର ଉପଭୋକ୍ତା ଓ ଉତ୍ପାଦନକାରୀଙ୍କ ଆଶାବାଦ ଉପରେ ଆଲୋକପାତ କରିଥିଲେ । ସେ ଆଶା ବ୍ୟକ୍ତ କରି କହିଥିଲେ ଯେ, ଏହି ବୈଠକରେ ଭାଗ ନେଇଥିବା ସଦସ୍ୟମାନେ ସେହି ସକାରାତ୍ମକ ଭାବନାକୁ ବିଶ୍ୱ ସ୍ତରରେ ପ୍ରସାରିତ କରିବା ଲାଗି ଅନୁପ୍ରାଣିତ ହେବେ । ଦୁନିଆର ସବୁଠୁ ଦୁର୍ବଳ ନାଗରିକଙ୍କ ଉପରେ ନିଜର ଆଲୋଚନାକୁ କେନ୍ଦ୍ରିତ କରିବା ଲାଗି ପ୍ରଧାନମନ୍ତ୍ରୀ ସଦସ୍ୟମାନଙ୍କୁ ଆହ୍ୱାନ କରିଥିଲେ । ସେ ଜୋର ଦେଇ କହିଥିଲେ ଯେ, ଏକ ସମାବେଶୀ ଏଜେଣ୍ଡା ସୃଷ୍ଟି କରିବା ଦ୍ୱାରା ବୈଶ୍ୱିକ ଆର୍ଥିକ ନେତୃତ୍ୱ ବିଶ୍ୱର ବିଶ୍ୱାସ ଜିତିବାରେ ସକ୍ଷମ ହୋଇପାରିବେ। "ଆମର ଜି୨୦ ଅଧ୍ୟକ୍ଷତା ଏକ ସମାବେଶୀ ସଂକଳ୍ପର ବିଷୟବସ୍ତୁ - ଏକ ପୃଥିବୀ, ଏକ ପରିବାର, ଏକ ଭବିଷ୍ୟତକୁ ପ୍ରୋତ୍ସାହନ ଦେଇଥାଏ", ପ୍ରଧାନମନ୍ତ୍ରୀ କହିଥିଲେ ।ପ୍ରଧାନମନ୍ତ୍ରୀ କହିଥିଲେ ଯେ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ଦିଗରେ ପ୍ରଗତି ମନ୍ଥର ହୋଇପଡ଼ିଥିବା ପ୍ରତୀୟମାନ ହେଉଛି, ଅନ୍ୟପଟେ ବିଶ୍ୱର ଜନସଂଖ୍ୟା ୮୦୦ କୋଟି ଅତିକ୍ରମ କରିସାରିଛି । ସେ ଜଳବାୟୁ ପରିବର୍ତ୍ତନ ଏବଂ ଉଚ୍ଚ ଋଣ ସ୍ତର ଭଳି ବିଶ୍ୱସ୍ତରୀୟ ସମସ୍ୟାର ମୁକାବିଲା କରିବା ଲାଗି ବହୁପକ୍ଷୀୟ ବିକାଶ ବ୍ୟାଙ୍କକୁ ମଜବୁତ କରିବାର ଆବଶ୍ୟକତା ଉପରେ ବଳ ଦେଇଥିଲେ ।ଆର୍ଥିକ ଜଗତରେ ପ୍ରଯୁକ୍ତିର ବର୍ଦ୍ଧିତ ଆଧିପତ୍ୟ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ଏହା ସ୍ମରଣ କରାଇ ଦେଇ କହିଥିଲେ ଯେ, କିଭଳି ମହାମାରୀ ସମୟରେ ଡିଜିଟାଲ ପଇଠ ସ୍ୱର୍ଣ୍ଣମୁକ୍ତ ଏବଂ ବାଧାମୁକ୍ତ କାରବାରକୁ ସକ୍ଷମ କରିଛି । ସେ ଅଂଶଗ୍ରହଣକାରୀ ସଦସ୍ୟମାନଙ୍କୁ ଡିଜିଟାଲ ଆର୍ଥିକ ଅସ୍ଥିରତା ଓ ଦୂରୁପଯୋଗର ସମ୍ଭାବ୍ୟ ବିପଦକୁ ନିୟନ୍ତ୍ରିତ କରିବା ଲାଗି ମାନଦଣ୍ଡ ବିକଶିତ କରିବା ସହିତ ପ୍ରଯୁକ୍ତିର ଶକ୍ତିକୁ ଠାବ କରିବା ଏବଂ ଏହାର ଉପଯୋଗ କରିବା ଲାଗି ଆହ୍ୱାନ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଭାରତ ବିଗତ କିଛି ବର୍ଷ ଧରି ନିଜର ଡିଜିଟାଲ ଅର୍ଥପଇଠ ଇକୋସିଷ୍ଟମରେ ଅଧିକ ସୁରକ୍ଷିତ, ଅଧିକ ବିଶ୍ୱସ୍ତ ଏବଂ ଅଧିକ ଦକ୍ଷ ସାର୍ବଜନୀନ ଡିଜିଟାଲ ଭିତ୍ତିଭୂମି ପ୍ରସ୍ତୁତ କରିଛି । "ଆମର ଡିଜିଟାଲ ପେମେଣ୍ଟ ଇକୋସିଷ୍ଟମକୁ ଏକ ମାଗଣା ସାର୍ବଜନୀନ ସାମଗ୍ରୀ ଭାବେ ବିକଶିତ କରାଯାଇଛି", ପ୍ରଧାନମନ୍ତ୍ରୀ କହିଥିଲେ। ସେ ଆଲୋକପାତ କରି କହିଥିଲେ ଯେ, ଭାରତ ନିଜର ପ୍ରଶାସନ ଆର୍ଥିକ ସମାବେଶନ ଏବଂ ସହଜ ଜୀବନଧାରଣରେ ବ୍ୟାପକ ପରିବର୍ତ୍ତନ ଆଣିଛି । ଭାରତର ପ୍ରଯୁକ୍ତି ରାଜଧାନୀ ବେଙ୍ଗାଲୁରୁରେ ଏହି ବୈଠକ ଆୟୋଜନ କରାଯାଉଥିବା ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଭାରତୀୟ ଉପଭୋକ୍ତା କିଭଳି ଭାବେ ଡିଜିଟାଲ ଅର୍ଥ କାରବାରକୁ ଆପଣେଇ ନେଇଛନ୍ତି ଅଂଶଗ୍ରହଣକାରୀମାନେ ତାହାର ସିଧାସଳଖ ଅନୁଭୂତି ହାସଲ କରିପାରିବେ । ସେ ଭାରତର ଜି୨୦ ଅଧ୍ୟକ୍ଷତା ସମୟରେ ପ୍ରସ୍ତୁତ କରାଯାଇଥିବା ନୂଆ ବ୍ୟବସ୍ଥା ବିଷୟରେ ମଧ୍ୟ କହିଥିଲେ, ଯାହାକି ଜି୨୦ ଅତିଥିମାନଙ୍କୁ ଭାରତର ପଥ-ପ୍ରଦର୍ଶକ ଡିଜିଟାଲ ପରିଶୋଧ ପ୍ଲାଟଫର୍ମ, ୟୁପିଆଇ ଉପଯୋଗ କରିବା ପାଇଁ ଅନୁମତି ଦେଇଥାଏ । ନିଜର ଅଭିଭାଷଣ ଶେଷରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ, ୟୁପିଆଇ ଭଳି ଉଦାହରଣ ଅନ୍ୟ ରାଷ୍ଟ୍ରମାନଙ୍କ ପାଇଁ ମଧ୍ୟ ଅନୁକରଣୀୟ ହୋଇପାରିବ । ଆମେ ନିଜର ଅଭିଜ୍ଞତାକୁ ଖୁସିର ସହିତ ଦୁନିଆ ସହିତ ବାଣ୍ଟିବା ଲାଗି ପ୍ରସ୍ତୁତ ରହିଛୁ ଏବଂ ଜି୨୦ ଏଥିପାଇଁ ଏକ ବାହକ ସାଜିପାରିବ ।

ମଣ୍ଡିକୁ ଧାନ ଉଠୁନି, ଚାଷୀ ହନ୍ତସନ୍ତ

ଗଞ୍ଜାମ, ୨୪।୨(ପି.ଏନ): ଶେରଗଡ ବ୍ଲକର ବିଭିନ୍ନ ପଂଚାୟତରେ ଖୋଲାଯାଇଥିବା ଧାନ ମଣ୍ଡ

ଟି ଟାଇମ୍

ଇତିହାସରେ ଆଜି ଦିନ

ଆଜି ହେଉଛି ଡିସେମ୍ବର ୦୧ ତାରିଖ । ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଯିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

- ବିଶ୍ୱ ଏଡ୍‌ସ ଦିବସ
- ଭାରତୀୟ ସୀମା ସୁରକ୍ଷା ବାହିନୀ (ବିଏସ୍‌ଏଫ୍ ପ୍ରତିଷ୍ଠା ହୋଇଥିଲା (୧୯୬୫)
- ବିହାରର-ଲକ୍ଷ୍ମଣପୁର ବାଥେଠାରେ ରଣବୀର ସେନା ରଚାଇଲା ନରସିଂହାର (୧୯୯୭)
- ନାଗାଲାଣ୍ଡ ଭାରତର ୧୬ତମ ରାଜ୍ୟରେ ପରିଣତ ହେଲା (୧୯୬୩)
- ୟୁନାଇଟେଡ୍ ନେଶନ୍‌ରେ ଯୋଗଦେଲା ଆଙ୍ଗୋଲା (୧୯୬୭)
- ବେନଜୀର ଭୁଟ୍ଟୋଙ୍କୁ ପାକିସ୍ତାନର ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତି କରାଗଲା (୧୯୮୮)

ପ୍ଲାଷ୍ଟିକ୍ ବେବି

ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

ଚର୍ଚ୍ଚାରେ 'ହରାମ୍‌ଖୋର'

ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି । ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା । ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି । ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ । ଶ୍ଳୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ । ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି । ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି ।

ପୁରାଣ କାହାଣୀ

କୁଟୁମ୍ବେଶ୍ୱର ମହାଦେବଙ୍କ ମହାତ୍ମ୍ୟ

ସଂସାର ହିତ ଲାଗି ସୋମବତୀ ଅମାବାସ୍ୟା କୁଟୁମ୍ବେଶ୍ୱର ଲିଙ୍ଗଙ୍କୁ ଦର୍ଶନ କଲେ କୁଟୁମ୍ବ ବୃଦ୍ଧି ପାଇବା ସହ ସମସ୍ତ ପାପ ଦୂର ହୋଇଥାଏ । ରବିବାର, ସୋମବାର, ଅଷ୍ଟମୀ, ଚତୁର୍ଦ୍ଦଶୀ ତଥା ସୋମବତୀ ଦିନ ଶିପ୍ରା ନଦୀରେ ସ୍ନାନ କରି କୁଟୁମ୍ବେଶ୍ୱରଙ୍କୁ ଦର୍ଶନ କଲେ ସୁଫଳ ମିଳିଥାଏ । ଏହାସହ ସ୍କନ୍ଦ ପୁରାଣରେ କୁଟୁମ୍ବେଶ୍ୱରଙ୍କ ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି । ଏକଦା ଦେବତା ଓ ରାକ୍ଷସ ସମୁଦ୍ର ମନ୍ଥନ କରୁଥିବା ବେଳେ ବିଷ ଉତ୍ପନ୍ନ ହେଲା । ଏହାଦେଖି ରାକ୍ଷସ ଓ ଦେବତାମାନେ ବିଚଳିତ ହୋଇ ଉଠିଲେ । ସେମାନେ ଭଗବାନ ଶିବଙ୍କ ନିକଟକୁ ଯାଇ ସମସ୍ତ କଥା ପ୍ରକାଶ କରି ବିଷକୁ ଦୂର କରିବା ଲାଗି ପ୍ରାର୍ଥନା କଲେ । ମହାଦେବ ସମସ୍ତ କଥା ଶୁଣିବା ପରେ ମୟୂର ରୂପ ଧାରଣ କରି ସେହି ବିଷକୁ ପାନ କରିବା ଦ୍ୱାରା ତାଙ୍କ କଣ୍ଠ ନୀଳ ପଡିଗଲା । କିନ୍ତୁ ମହାଦେବ ଏହି ବିଷକୁ ଦୂର କରିବା ଲାଗି ଶିପ୍ରା ନଦୀକୁ ଆଦେଶ ଦେଲେଯେ ଏହି ବିଷକୁ ନେଇ ସେ ମହାକାଳ ବଣରେ ଥିବା କାମେଶ୍ୱରସ୍ଥିତ ଏକ ଲିଙ୍ଗ ଉପରେ ଚଢ଼ାଇ ଦିଅ । ମା' ଶିପ୍ରା ନଦୀ ଉକ୍ତ ବି:କୁ ନେଇ ଲିଙ୍ଗ ଉପରେ ଢ଼ାଳିଦେଲେ । ବିଷର ପ୍ରଭାବରେ ଯେଉଁ ପ୍ରାଣୀ ତାଙ୍କୁ ଦର୍ଶନ କରୁଥିଲେ ସେମାନେ ମୋକ୍ଷ ପ୍ରାପ୍ତ କରୁଥିଲେ । କିଛି ବ୍ରାହ୍ମଣ ତୀର୍ଥ ଯାତ୍ରା କରିବା ଲାଗି ଏହି ଲିଙ୍ଗ ନିକଟକୁ ଆସି ଦର୍ଶନ କଲେ । ଦର୍ଶନ ଫଳରେ ସମସ୍ତ ବ୍ରାହ୍ମଣ ଦେହତ୍ୟାଗ କଲେ ଏହାଦ୍ୱାରା ତାଙ୍କ କୁଟୁମ୍ବ ଲୋପ ପାଇବାକୁ ଲାଗିଲା । ଏହା ଦେଖି କିଛି ବ୍ରାହ୍ମଣ ତାଙ୍କ କୁଟୁମ୍ବକୁ ବଞ୍ଚାଇବା ଲାଗି ଭଗବାନ ଶିବଙ୍କୁ ପ୍ରାର୍ଥନା କଲେ ଉକ୍ତ ପ୍ରାର୍ଥନାକୁ ସ୍ୱୀକାର କରି ମହାଦେବ କହିଲେ ରାଜା ଲକୁଲିଶ ଏହି ଲିଙ୍ଗକୁ ଦର୍ଶନ କଲେ ବିଷର ପ୍ରଭାବ ଆପେ ଆପେ ଦୂର ହୋଇଯିବ । ଏହି ଲିଙ୍ଗକୁ କୁଟୁମ୍ବେଶ୍ୱର କୁହାଯିବ କହି ମହାଦେବ ଅନ୍ତର୍ଦ୍ଧାନ ହୋଇଗଲେ ସେବେଠାରୁ ଏହି ଲିଙ୍ଗର ନାମ କୁଟୁମ୍ବେଶ୍ୱର ରହି ଆସିଛି ।

୫୦୦ କୋଟି ବନାମ ୫୦୦ଟଙ୍କା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାକରଣ ନୀତି ସତ୍ତ୍ୱେ ଦେଶବାସୀ ଦେଖିଥିଲେ କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଖଣି ମାଲିକ ଜନାର୍ଦ୍ଦନ ରେଡ୍ଡୀଙ୍କ ଝିଅ ବ୍ରାହ୍ମଣୀଙ୍କ ୫୦୦ କୋଟିର ବିବାହ । ବିବାହ କାର୍ଡ, ପୋଷାକଠାରୁ ଆରମ୍ଭ କରି ଭୋଜିଭାତରେ ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା । ଏବେ କିନ୍ତୁ ଦେଶବାସୀ ଏହି ନୀତିର ଅପରପାର୍ଶ୍ୱ ଦେଖିବାକୁ ପାଇଛନ୍ତି । ସାଧାରଣ ଜନତା ଏହି ନୀତି ଦ୍ୱାରା କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ସାଜିଛି ସୁରଟର ଦକ୍ଷା ପରମାର୍ ଓ ଭାରତ ମାରୁଙ୍କ ମାତ୍ର ୫୦୦ ଟଙ୍କାର ବିବାହ । ସୁରଟର ଏକ ଇଲେକଟ୍ରିସିଟି କମ୍ପାନୀରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ରାଜ୍ ପରମାର୍ ନିଜ ଝିଅ ଦକ୍ଷାଙ୍କ ବିବାହ ଠିକ୍ କରିଥିଲେ କମ୍ପ୍ୟୁଟର ଇଞ୍ଜିନିୟର ଭାରତ ମାରୁଙ୍କ ସହ । ଦୀପାବଳି ପୂର୍ବରୁ ଉଭୟ ପରିବାରର ମିଳାମିଶା ପରେ ବିବାହ ତାରିଖ ଦୀପାବଳି ପରେ ତଥା ନଭେମ୍ବର ୨୪କୁ ନିର୍ଦ୍ଧାରଣ କରାଯାଇଥିଲା । ଏହା ମଧ୍ୟ ସ୍ଥିର କରାଯାଇଥିଲା କି ଖୁବ୍ ଧୂମ୍‌ଧାମରେ ବିବାହ କରାଯିବ । ମାତ୍ର ୮ ତାରିଖରେ ୫୦୦ ଓ ୧୦୦୦ ଟଙ୍କିଆ ଅଚଳ ଉପରେ ଭାଷଣ ଶୁଣିବା ପରେ ଚିନ୍ତାରେ ଆସିଯାଇଥିଲେ ଉଭୟ ପରିବାର । ଜାକଜମକରେ କରିବାକୁ ଥିବା ବିବାହ ଆଶା ମଉଳି ଯାଇଥିଲା ସେମାନଙ୍କର । ନିର୍ଦ୍ଧାରିତ ତାରିଖ ପରିବର୍ତ୍ତେ ଅନ୍ୟ ତାରିଖରେ ବିବାହ କରିବା ପାଇଁ ଯୋଜନା କରିବାକୁ ଆରମ୍ଭ କରିଥିଲେ । କିନ୍ତୁ ସେହି ସମୟରେ ଦକ୍ଷା ଏକ ଉପାୟ ଚିନ୍ତା କରିଥିଲେ । ସେ ବିନା ଆଡମ୍ବରରେ ଭୋଜିରେ କେବଳ ଚା ଓ ପାଣିର ବ୍ୟବସ୍ଥା କରି ବିବାହ କରିବାର ପ୍ରସ୍ତାବ ପରିବାର ସଦସ୍ୟଙ୍କୁ ଦେଇଥିଲେ । ପ୍ରଥମେ ପରିବାର ଲୋକଙ୍କୁ ଦକ୍ଷାଙ୍କ ଏହି ପ୍ରସ୍ତାବ ଉଚିତ ଲାଗିନଥିଲା । କିନ୍ତୁ ବାରମ୍ବାର ବୁଝାଇବା ପରେ ସେମାନେ ରାଜି ହୋଇଥିଲେ । ପରେ ଉଭୟ ଦକ୍ଷା ଏବଂ ତାଙ୍କ ପରିବାର ସଦସ୍ୟ ମିଶି ଭାରତଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ । ପ୍ରଥମେ ମଧ୍ୟ ଭାରତଙ୍କ ପରିବାର ଠାରୁ ଅନୁରୂପ ପ୍ରତିକ୍ରିୟା ମିଳିଥିଲା । ମାତ୍ର ପରେ ସେମାନେ ମଧ୍ୟ ରାଜି ହୋଇଯାଇଥିଲେ । କାରଣ ତାଙ୍କ ପାଇଁ ପିଲାମାନଙ୍କ ବିବାହ ଅଧିକ ଗୁରୁତ୍ୱ ରଖୁଥିଲା ସେଥିରେ ଖର୍ଚ୍ଚର ପରିମାଣ ନୁହେଁ । ଦୁଇ ପରିବାରର ସମ୍ମତିରେ ବିନା ଜାକଜମକରେ ବେଦ୍ ରୋଡ ଠାରେ ଥିବା ଏକ କମ୍ୟୁନିଟି ହଲ୍‌ରେ ଆୟୋଜିତ ହୋଇଥିଲା ବିବାହ । ସେଥିରେ କନ୍ୟାପକ୍ଷରୁ ପ୍ରାୟ ୫୦ ଜଣ ଓ ବର ପକ୍ଷରୁ ପ୍ରାୟ ୧୨୫ ରୁ ୧୫୦ ଜଣ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ । ସମସ୍ତ ଅତିଥିଙ୍କୁ ଭୋଜିରେ ଦିଆଯାଇଥିଲା ଗୋଟିଏ ଗ୍ଲାସ ପାଣି ଓ କପେ ଚା । ଏପରି ବିବାହରେ ଅତିଥି ମାନେ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷା ଓ ଭାରତଙ୍କ ଏହି ବିବାହକୁ ପ୍ରଶଂସା କରିଛନ୍ତି । ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସେ କହିଛନ୍ତି ମୁଁ ଚାଏ ପେ ଚର୍ଚ୍ଚା ଆରମ୍ଭ କରିଥିଲି କିନ୍ତୁ ଏହି ଚା ଏବେ ବିବାହ ମଣ୍ଡପରେ ପହଞ୍ଚି ଗଲାଣି ଜାଣି ଖୁସି ଲାଗୁଛି ।

ଲାଭଦାୟକ ୱେବ୍‌ସାଇଟ୍

ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ । ଏଠାରେ ଆପଣଙ୍କୁ ଭଲ ପାଉଥିବା ମାତା-ପିତା ମଧ୍ୟ ମିଳିଥାନ୍ତି । ଏହା ବ୍ୟତୀତ ଏହା ଏପରି ଏକମାତ୍ର ୱେବ୍‌ସାଇଟ୍ ଯାହା ଅନ୍ତଃବସ୍ତ୍ରକୁ ଭଡ଼ାରେ ଦେଇଥାଏ । ଯଦି ଆପଣ ଆପଣଙ୍କର ବୋରିଂନେସ୍‌କୁ ଦୂର କରିବାକୁ ଚାହୁଁଛନ୍ତି ତେବେ ଆବଶ୍ୟକ ହେଲେ ଏକ ଛୋଟ ସୁନ୍ଦର ଶିଶୁ ସହିତ ମଧ୍ୟ ସମୟ ଅତିବାହିତ କରିପାରିବେ । ଯଦି ଆପଣଙ୍କ ପାଖରେ ସମୟ ନାହିଁ କିମ୍ବା ଆପଣ ପିଲାଙ୍କ ସ୍କୁଲ ଘରପାଠ କରିବାରେ ସାହାଯ୍ୟ କରି ପାରୁନାହାନ୍ତି ତେବେ ଏହି ୱେବ୍‌ସାଇଟଟି ଆପଣଙ୍କ ପାଇଁ ଏପରି ଏକ ବ୍ୟକ୍ତି ଠିକ୍ କରିଦେବେ ଯିଏ ଆପଣଙ୍କ ପିଲାର ଘରପାଠ କରିବାରେ ମଧ୍ୟ ସାହାଯ୍ୟ କରିବ ।

ଆଜିର ଭାଗ୍ୟ

ମେଷ
କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

ବୃଷ
କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

ମିଥୁନ
କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

କର୍କଟ
ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

ସିଂହ
ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

କନ୍ୟା
ବନ୍ଧୁତକ ନିକଟୁ ସାହାଯ୍ୟ ପଅତିଶ୍ରୁତି ପାଇ ଆତ୍ମସ୍ଥି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

ତୁଳା
ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

ବିଛା
ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

ଧନୁ
ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

ମକର
ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

କୁମ୍ଭ
କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

ମୀନ
ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

ମୃତ୍ୟୁକୁ ନେଇ ଆତଙ୍କ

ଭୟଙ୍କର ଗାଁ ନାମ ଶୁଣିବା କ୍ଷଣି ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ । କ'ଣ ପାଇଁ ଗାଁର ଏପରି ବିଚିତ୍ର ନାମ ରହିଛି ? ଏହା ପଛରେ ରହସ୍ୟ କ'ଣ ଜାଣିବାକୁ ମଧ୍ୟ ଜିଜ୍ଞାସା ଯାତ ହୋଇଥାଏ । ପଙ୍ଗାପୁରର ବଡଗାଓଁ ଭୟଙ୍କର ଗ୍ରାମ ଭାବେ ପ୍ରସିଦ୍ଧ । ଏହି ଗ୍ରାମରେ ଆଜିକୁ ୨୨ ବର୍ଷ ତଳେ ଜଣେ ବ୍ୟକ୍ତିର ମୃତ୍ୟୁ ଘଟିଥିଲା । ବାଶ୍ ତା' ପରେ ବିଗତ ୨୨ ବର୍ଷର ଠାରୁ ପ୍ରତି ଦଶ ଦିନ ଅନ୍ତରରେ ପ୍ରତ୍ୟେକଙ୍କ ଘରୁ ଜଣେ ଲେଖାଏଁ ସଦସ୍ୟଙ୍କର ମୃତ୍ୟୁ ହେବାରେ ଲାଗିଛି । ଗ୍ରାମବାସୀମାନେ କେବଳ ଚିନ୍ତାରେ ରହିଥାନ୍ତି ଯେ, କାହାର ମୃତ୍ୟୁ ଘଟିଲା ଏବଂ ଏବେ ଆଉ କାହାର ପାଳି ପଡିବ । ଏହାକୁ ଗ୍ରାମବାସୀଙ୍କ ଦୁର୍ଭାଗ୍ୟ କୁହାଯିବ ନା ଅନ୍ଧବିଶ୍ୱାସ ନା ଆଉ କିଛି ? ବରିଷ୍ଠ ବ୍ୟକ୍ତି, ଡାକ୍ତର ଓ ଶିକ୍ଷକ ଏସବୁ ବିଶ୍ୱାସ କରିବାକୁ ବାଧ । କିଛି ରୋଗ ନଥାଇ ଆଖି ସାମନାରେ ଭଲ ଲୋକଙ୍କର ଏଠାରେ ମୃତ୍ୟୁ ହେବାରେ ଲାଗିଛି ।

ନରଗାଙ୍ଗ ପଞ୍ଚାୟତରେ ନୂତନ ପାନୀୟ ପ୍ରକଳ୍ପ ଉଦ୍‌ଘାଟିତ

ବାଙ୍କୀ (ପିଏନ୍)- ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ନରଗାଙ୍ଗ ପଞ୍ଚାୟତର ସରକାରଙ୍କ ତରଫରୁ ଲୋକମାନଙ୍କ ପାଇଁ ସ୍ୱଜଳ ଧାରା ଯୋଜନା ମାଧ୍ୟମରେ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେଉଥିବାବେଳେ ଏହି ପରିପ୍ରେକ୍ଷୀରେ ନରଗାଙ୍ଗ ପଞ୍ଚାୟତରେ ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ ଜଗଦେବଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ଉଦ୍‌ଘାଟକ ଭାବେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ନୂତନ ପାନୀୟ ଜଳପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନୀତ ଅତିଥି ଭାବେ ଡମପଡ଼ା ବ୍ଲକ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ପାତ୍ର, ବ୍ଲକ ଉପାଧ୍ୟକ୍ଷ ରେବତୀ ଜେନା ପ୍ରମୁଖ ଯୋଗଦେଇଥିଲେ ଓ ପଞ୍ଚାୟତର ବହୁ ଜନସାଧାରଣ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ।

ବାଙ୍କୀ ବିଧାୟକଙ୍କ ଦ୍ୱାରା ନୂତନ କଲ୍ୟାଣ ମଣ୍ଡପ ଭୂମି ପୂଜା ଉତ୍ସବ

ବାଙ୍କୀ (ପିଏନ୍)-ବାଙ୍କୀ ବ୍ଲକ ଅନ୍ତର୍ଗତ ବ୍ରହ୍ମପୁରା ପଞ୍ଚାୟତରେ ବିଲିତେନ୍ତୁଳିଆ ଗ୍ରାମର ଜଳେଶ୍ୱର ମନ୍ଦିର ପରିସରରେ ବ୍ଲକ ଦ୍ୱାରା ନୂତନ କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏଥିରେ ଅନୁଆରୀ ପଞ୍ଚାୟତର ସରପଞ୍ଚ ସଂଜୟ ପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ବ୍ରହ୍ମପୁରା ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ସଦାସର୍ବଦା ଚେଷ୍ଟିତ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତ, ପୂର୍ବତନ ସରପଞ୍ଚ ବୈକୁଣ୍ଠ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ସହକାରୀ ଯନ୍ତ୍ରୀ ସତ୍ୟବ୍ରତ ସ୍ୱାଇଁ କଲ୍ୟାଣମଣ୍ଡପ ସଂପର୍କରେ ସୂଚନା ଦେଇଥିଲେ।

ଶାଳପଡା ପ୍ରିନ୍ସ କ୍ଲବ୍ ପକ୍ଷରୁ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ଉପଖଣ୍ଡ ଶାଳପଡା କ୍ଷେତ୍ର ମୋହନ ଖେଳ ପଡିଆ ଠାରେ ପ୍ରିନ୍ସ କ୍ଲବ ପକ୍ଷରୁ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ଆଖପାଖ ଅଂଚଳର ୧୨ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଉଦ୍‌ଘାଟନୀ ମ୍ୟାଚ୍ ଭାଟିସିରା ଓ ଭଗାନଈ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଭାଟିସିରା ଦଳ ବ୍ୟାଟିଂ କରି ୮ ଓଭରରେ ୮୧ରନ୍ କରିଥିଲା । ଏହାର ଜବାବରେ ଭଗାନଈ ଦଳ ନିର୍ଦ୍ଧାରିତ ୮ଓଭର ଖେଳି ୫୮ରନ୍ କରି ପରାଜିତ ହୋଇଥିଲା । ଉଦ୍‌ଘାଟନୀ ଖେଳରେ ମୁଖ୍ୟଅତିଥି ଭାବେ ବ୍ୟବସାୟୀ ରାମଚନ୍ଦ୍ର ପାଢୀ ଓ ସରୋଜ କୁମାର ମିଶ୍ର ଯୋଗ ଦେଇଥିବା ବେଳେ ଅମ୍ପାୟାର ଭାବେ ରାଜେନ୍ଦ୍ର ଦାଶ ଓ ପୁପୁନ ଦାଶ ଖେଳକୁ ପରିଚାଳନା କରିଥିଲେ । କ୍ଲବର ସଦସ୍ୟ ସନାତନ ପତି, ସିତାଂଶୁ ଦାଶ, ଚିରିବ ଦାଶ, ସନ୍ତୋଷ ଶତପଥି, ଗୋଉରା, ରାଜା ପ୍ରମୁଖଙ୍କ ସହ ବହୁ ସଦସ୍ୟ ଖେଳକୁ ପରିଚାଳନା କରିଥିଲେ ।

ବିଶ୍ୱ ମାନବାଧିକାର ଆୟୁକ୍ତଙ୍କ ଦ୍ୱାରା ବହୁଦିନର ବିବାଦ ତୁଟିଲା

କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲା ସଦର ଥାନା ଅନ୍ତର୍ଗତ କଣ୍ଡରାପଶି ଗ୍ରାମ ପଂଚାୟତର କଣ୍ଡରାପଶି ଗ୍ରାମରେ ବେଣୁଧର ମାଝୀ (ୱାର୍ଡମେମ୍ବର) ଓ ଗ୍ରାମ ମୁଖିଆ, ପୂଜକ ତଥା ଗ୍ରାମବାସୀଙ୍କ ମଧ୍ୟରେ ବହୁଦିନ ଧରି ସାମାନ୍ୟ କଥାକୁ ନେଇ ମନମାଳିନ୍ୟ ଲାଗି ରହିଥିଲା । ଏ ବିବାଦ ଏତେ ଉତ୍କଟ ହେଲାଯେ ବ୍ୟକ୍ତିଗତ ସ୍ତରରୁ ଯାଇ ଗୋଷ୍ଠୀଗତ ଆଡକୁ ଗଲା । ଫଳରେ ବେଣୁଧର ମାଝୀ ଉପାୟ ନପାଇ ସଦର ଥାନାରେ ଅଭିଯୋଗ କଲେ । ଥାନାରୁ ନ୍ୟାୟ ନପାଇ ବାଧ୍ୟ ହୋଇ ବିଶ୍ୱ ମାନବାଧିକାର ଆୟୁକ୍ତ କେନ୍ଦୁଝରଙ୍କ ଦ୍ୱାରସ୍ଥ ହେଲେ । ଶ୍ରୀ ମାଝୀଙ୍କ ଅଭିଯୋଗକୁ ଅତ୍ୟନ୍ତ ଗମ୍ଭୀର ସହକାରେ ନେଇ ଆୟୁକ୍ତ ଗତ ୨୬ ତାରିଖ (ରବିବାର) ଦିନ ଗୋଟାଏ ବେଳେ ସମନ୍ୱୟ ବିଚାର ମଣ୍ଡଳୀର ବୈଠକ ଅନୁଷ୍ଠିତ ହୋଇଥିଲା । କଣ୍ଡରାପଶି ଗ୍ରାମ ପଂଚାୟତରେ ସ୍ଥାନୀୟ ସରପଂଚ ଓ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ଉକ୍ତ ମନୋମାଳିନ୍ୟର ଫଇସାଲା କରି ପରସ୍ପର ଶାନ୍ତି ଓ ସୌହାର୍ଦ୍ଦ୍ୟ ବଜାୟ ରଖିବାକୁ ଲିଖିତ ସ୍ୱୀକୃତି କରାଇଥିଲେ ଏବଂ ଉଭୟ ପକ୍ଷ ପରସ୍ପରଙ୍କୁ ମିଠା ଖୁଆଇ ବନ୍ଧୁତା ସୂତ୍ରରେ ବାନ୍ଧି ହେଲେ । କହିବା ବାହୁଲ୍ୟ ଯେ ଆମ ଜିଲ୍ଲାର ଶାନ୍ତିପ୍ରିୟ ଓ ସରଳ ଆଦିବାସୀ ଭାଇମାନେ ଖୁବ୍ ଜଟିଳ ଘଟଣାକୁ ଅତି ସହଜରେ ନେଇଥାନ୍ତି । ଆଉ ଆବଶ୍ୟକ ସ୍ଥଳେ ଅତି ସହଜ ଘଟଣାକୁ ଜଟିଳ ଭାବେ ମଧ୍ୟ ଗ୍ରହଣ କରିଥାନ୍ତି । ଫଳସ୍ୱରୂପ ସମୟୋଚିତ ପଦକ୍ଷେପ ନନେଲେ ଭବିଷ୍ୟତରେ ସାମାନ୍ୟ ଘଟଣା ମଧ୍ୟ ଭୟଙ୍କର ଆଇନ୍ ପରିସ୍ଥିତି ଉପୁଜାଇଥାଏ । ଏହି ଘଟଣାକୁ ନଜର ଅନ୍ଦାଜ ନକରି ବିଶ୍ୱ ମାନବାଧିକାର ଆୟୁକ୍ତ କେନ୍ଦୁଝରର ସଭାପତି ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ମହିଳା ସଭାପତି ହେନା ସାହୁ, ଜିଲ୍ଲାର ବରିଷ୍ଠ ଆଇନଜୀବୀ ଚତୁର୍ଭୁଜ ହୋତା, ସମ୍ପାଦକ ସୟ କୁମାର ପଣ୍ଡା ଓ କାର୍ଯ୍ୟାଳୟର ସମନ୍ୱୟ ଅଧିକାରୀ ବିରଞ୍ଚି ନାରାୟଣ ମହାନ୍ତି ପ୍ରମୁଖଙ୍କ ସହଯୋଗରେ ଉକ୍ତ ଘଟଣାର ସମାଧାନ ହୋଇଥିବା ଯୋଗୁଁ କଣ୍ଡରାପଶି ଗ୍ରାମବାସୀ ବିଶ୍ୱ ମାନବାଧିକାର ଆୟୁକ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି ।

ସାମ୍ବାଦିକମାନଙ୍କ ବେଆଇନ ଗିରଫଦାରୀକୁ ନିନ୍ଦାକଲା ରାଷ୍ଟ୍ରୀୟ ମଧ୍ୟବିତ୍ତ ପରିବାର ମହାସଂଘ

ଭୁବନେଶ୍ୱର (ପିଏନ୍): ମାଲକାନଗିରିରେ ଅର୍ଗସ ପ୍ରତିନିଧିଙ୍କ ସହ ୪ଜଣ ସାମ୍ବାଦିକଙ୍କୁ ଗିରଫ ଘଟଣାରେ ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ସାମ୍ବାଦିକଙ୍କ ଉପରେ ପୋଲିସ୍‌ର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଛି ରାଷ୍ଟ୍ରୀୟ ମଧ୍ୟବିତ୍ତ ପରିବାର ମହାସଂଘ । ଯେଉଁ ସାମ୍ବାଦିକ ଗିରଫ ହୋଇଛନ୍ତି, ସେମାନେ ନକ୍ସଲ ନୁହଁନ୍ତି । ସେମାନଙ୍କୁ ଥାନାକୁ ଡ଼ାକି ଆଲୋଚନା କରିପାରିଥା'ନ୍ତେ । ପୋଲିସ୍ ମାଓବାଦୀ ଭଳି ରାତିଅଧରେ ଗିରଫ କରିବା ନିନ୍ଦନୀୟ । ରାତି ଅଧରେ ଫୋର୍ସ ଲଗାଇ ବଳପୂର୍ବକ ଗିରଫ କରିଛି ପୋଲିସ୍ । ସାମ୍ବାଦିକଙ୍କ ସୁରକ୍ଷା ପାଇଁ ସାମ୍ବାଦିକ ସୁରକ୍ଷା ଆଇନ ଆଣିବାକୁ ଦାବି କରିଛି ମହାସଂଘ । ପୋଲିସ୍ ଚାପରେ ପଡ଼ି ସାମ୍ବାଦିକଙ୍କୁ ଗିରଫ କରି ଫରୱାର୍ଡ଼ କରିଛି । ସେଥିପାଇଁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦରକାର ବୋଲି ରାଷ୍ଟ୍ରୀୟ ମଧ୍ୟବିତ୍ତ ପରିବାର ମହାସଂଘର ସଂଗଠନ ସମ୍ପାଦକ କେ. ବାଲାରାଜୁ ଆଜିର ଏକ ପ୍ରେସ୍ ବିବୃତି ମାଧ୍ୟମରେ ଦାବି କରିଛନ୍ତି ।

ଶିରିଡ଼ି ସାଇ ବୁଲିବାକୁ ଯାଇ ବୃଦ୍ଧବ୍ୟକ୍ତିଙ୍କ ପତ୍ତା ମିଳୁ ନ ଥିବା ଅଭିଯୋଗ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ସହରର ଚାଟରାପାଟଣା ଗ୍ରାମର ଜନୈକ ବୃଦ୍ଧବ୍ୟକ୍ତି ଶିରିଡ଼ି ସାଇ ବୁଲିବାକୁ ଯାଇଥିବା ବେଳେ ତାଙ୍କର କୌଣସି ପତ୍ତା ମିଳୁନଥିବା ଅଭିଯୋଗ ହୋଇଛି । ସେହି ବ୍ୟକ୍ତି ହେଉଛନ୍ତି ମଧୁସୂଦନ ରାଉତ(୬୦) । ଗତ ବୁଧବାର ସନ୍ଧ୍ୟାରେ ସେ ପରିବାର ସହ ମୋବାଇଲରେ କଥା ହୋଇଥିଲେ । ସେ ପରିବାର ଲୋକଙ୍କୁ କହିଥିଲେ ଯେ ଏକ ପଙ୍କୁଆ ଜାଗାରେ ସେ ଫସି ଯାଇଛନ୍ତି । ତାଙ୍କୁ ଉଦ୍ଧାର କରିବା ପାଇଁ ଆଖପାଖରେ କେହି ନାହାଁନ୍ତି । ଏହା ଜାଣିବା ପରେ ପରିବାର ଲୋକେ ବିବ୍ରତ ହୋଇ ପଡିଥିଲେ । ପରିବାର ଲୋକେ କହିଛନ୍ତି ଯେ ଗତ ୨୧ ତାରିଖରେ କେତେକ ସାଇ ଭକ୍ତଙ୍କ ସହ ମଧୁସୂଦନ ଶିରିଡି ଯାଇଥିଲେ । ଏହାପର ଠାରୁ ତାଙ୍କର ପରିବାର ଲୋକଙ୍କ ସହ କୌଣସି ଯୋଗାଯୋଗ ହୋଇନଥିବା ସୂଚନା ମିଳିଛି । ଏକ ବ୍ୟବସାୟିକ ସଂସ୍ଥା ଲୋକମାନଙ୍କୁ ନେଇ ଶିରିଡି ବୁଲାଇବାକୁ ଯାଇଥିଲା । ତେଣୁ ଲୋକମାନେ କିପରି ସୁରକ୍ଷିତ ରହିବେ ସେ ଦାୟିତ୍ୱ ହେଉଛି ସଂପୃକ୍ତ ସଂସ୍ଥାର । ତେଣୁ ସଂପୃକ୍ତ ସଂସ୍ଥା କିପରି ଜାଣି ପାରିଲା ନାହିଁ ଯେ ମଧୁସୂଦନ ତାଙ୍କ ରୁମରୁ ବାହାରି କେଉଁଆଡେ ପଳାଇଲେ । ଏପର୍ଯ୍ୟନ୍ତ ସଂପୃକ୍ତ ସଂସ୍ଥା ମଧୁସୂଦନଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇନଥିବା ପରିବାର ପକ୍ଷରୁ ସୂଚନା ଦିଆଯାଇଛି । ସଂପୃକ୍ତ ବୃଦ୍ଧ ମଧୁସୁଦନଙ୍କୁ ଉଦ୍ଧାର କରିବା ପାଇଁ ପରିବାର ପକ୍ଷରୁ ଟାଉନ୍ ଥାନାରେ ଅଭିଯୋଗ କରାଯାଇଛି । ସେହିପରି ଏହି ଘଟଣା ପ୍ରଚାରିତ ହେବା ପରେ ରାଜ୍ୟ ଖଦୀ ବୋର୍ଡର ପୂର୍ବତନ ଅଧ୍ୟକ୍ଷ ତେଜେଶ୍ୱର ପରିଡ଼ା ମଧ୍ୟ ଆରକ୍ଷୀ ଅଧୀକ୍ଷକଙ୍କୁ ତୁରନ୍ତ ପଦକ୍ଷେପ ପାଇଁ ନିବେଦନ କରିଛନ୍ତି ।

ରାସନକାର୍ଡ ହିତାଧିକାରୀଙ୍କୁ କୋଭିଡ ସହାୟତା ମଧ୍ୟବିତ୍ତଙ୍କୁ ଅଣଦେଖା ଅଭିଯୋଗ



କେନ୍ଦ୍ରାପଡ଼ା (ପିଏନ୍): ରାସନକାର୍ଡଧାରୀଙ୍କ ପାଇଁ ରାଜ୍ୟ ସରକାରଙ୍କ ବଡ ଘୋଷଣା ପରେ ରାସନକାର୍ଡ ନଥିବା ମଧ୍ୟବିତ୍ତବର୍ଗଙ୍କୁ ସରକାର ଅଣଦେଖା କରୁଥିବା ମହାସଙ୍ଘ ଅଭିଯୋଗ କରିଛି । ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ରାଷ୍ଟ୍ରୀୟ ମଧ୍ୟବିତ୍ତ ପରିବାର ମହାସଙ୍ଘ କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ପଞ୍ଚାୟତ ନିର୍ବାଚନ ପୂର୍ବରୁ ରାସନକାର୍ଡଧାରୀମାନଙ୍କ ବ୍ୟାଙ୍କ ଆକାଉଁଟକୁ କୋଭିଡ ସହାୟତା ବାବଦ ଅର୍ଥ ଏକ ହଜାର ଟଙ୍କା ସିଧାସଳଖ ଯିବ । ଏ ବାବଦରେ ରାଜ୍ୟ ସରକାରଙ୍କ ୩୫୦କୋଟି ଟଙ୍କା ବ୍ୟୟ ହେବ । ଜତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଜରିଆରେ ଏହି ସହାୟତା ରାଶି ଯୋଗାଇ ଦିଆଯିବ । କିନ୍ତୁ କୋଭିଡ ସମୟରେ ନିଜର ଜୀବନ ଜୀବିକା ହରାଇଥିବା ମଧ୍ୟବିତ୍ତ ଶ୍ରେଣୀର ଲୋକ ଯାହାର କି ରାସନ କାର୍ଡ ନାହିଁ ସେମାନେ କଣ ସରକାରଙ୍କ ସାବତ ପୁଅ ବୋଲି ମହାସଙ୍ଘ ପ୍ରଶ୍ନ କରିଛି । କୋଭିଡ ଯୋଗୁଁ ଲୋକଙ୍କ ଆର୍ଥିକ ସ୍ଥିତି ଦୋହଲି ଯାଇଥିବାରୁ ରାଜ୍ୟରେ ଲକ୍ଷ ଲକ୍ଷ ମଧ୍ୟବିତ୍ତ ଶ୍ରେଣୀର ଲୋକ ନିଜର ଜୀବିକା ହରାଇ ଏବେ ଦୁର୍ଦ୍ଦିନରେ ଜୀବନ କାଟୁଥିବା ବେଳେ ରାଜ୍ୟ ସରକାର ରାସନକାର୍ଡଧାରୀଙ୍କ ପାଇଁ ସହାୟତା ଘୋଷଣା ପଞ୍ଚାୟତ ନିର୍ବାଚନ ଜିତିବା ପାଇଁ ଏହା ସରକାରଙ୍କ ଏକ ନିର୍ବାଚନି ଚାଲ ବୋଲି ମହାସଙ୍ଘ ଅଭିଯୋଗ କରିଛି । କୋଭିଡ ସମୟରେ ସବୁଠୁ ବେଶୀ କ୍ଷତିଗ୍ରସ୍ତ ହୋଇଛନ୍ତି ମଧ୍ୟବିତ୍ତ ବର୍ଗ । ତେଣୁ ସେହି ବର୍ଗର ଲୋକମାନଙ୍କୁ ରାସନକାର୍ଡ ଯୋଗାଇ ଦିଆଯିବା ସହ କୋଭିଡ ସହାୟତା ପ୍ରଦାନ କରାଯିବାକୁ ମହାସଙ୍ଘ ପକ୍ଷରୁ ରାଜ୍ୟ ସଭାପତି ପ୍ରଦିପ ମିଶ୍ର, ସମ୍ପାଦକ ହରେକୃଷ୍ଣ ପାତ୍ର, ଜିଲ୍ଲା ସଭାପତି ନିରଞ୍ଜନ ପରିଡା, ବିଧୁଭୂଷଣ ମହାପାତ୍ର, ଆକାଶ ଦାସ, ଚିତ୍ତରଞ୍ଜନ ତରାଇ, ହରେକୃଷ୍ଣ ପଟ୍ଟନାୟକ, ସରୋଜ ରାଉତ ପ୍ରମୁଖ ଦାବି କରିଛନ୍ତି ।

ଜଳନ୍ଧର ଶକ୍ତିପୀଠ, ପଞ୍ଜାବ

ଜଳନ୍ଧର ଶକ୍ତିପୀଠ ବା 'ତ୍ରିପୁରମାଳିନୀ' ମନ୍ଦିର ହିନ୍ଦୁମାନଙ୍କ ପାଇଁ ଏକ ପ୍ରମୁଖ ଧାର୍ମିକ ସ୍ଥାନ ଭାବେ ପରିଚିତ। ଏହି ଶକ୍ତିପୀଠ ଦେବୀ "ତାଲାବ" ମନ୍ଦିର ପାଇଁ ଜଣାଶୁଣା। ଏହି ମନ୍ଦିର ଭାରତର ପଞ୍ଜାବ ରାଜ୍ୟ ଅନ୍ତର୍ଗତ ଜଳନ୍ଧରଠାରେ ଅବସ୍ଥିତ। ଏହି ମନ୍ଦିର ବହୁ ବର୍ଷର ପୁରୁଣା ବୋଲି କୁହାଯାଏ। ଏହି ମନ୍ଦିର ପାଖରେ ଥିବା ଏକ ପୋଖରୀକୁ ଅତି ପବିତ୍ର ବୋଲି ଗ୍ରହଣ କାରାଯାଏ।

ଦେବୀ ଭାଗବତ ପୁରାଣରେ ୧୦୮, କାଳିକା ପୁରାଣରେ ୨୬, ଶିବଚରିତରେ ୫୧, ଦୁର୍ଗାଶପ୍ତସତୀ ଏବଂ ତନ୍ତ୍ର ଚୂଡ଼ାମଣିରେ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠ ଗୁଡ଼ିକର ସଂଖ୍ୟା ୫୨ ବୋଲି କୁହାଯାଇଛି। ମାତ୍ର ଶକ୍ତିପୀଠ ସଂଖ୍ୟା ୫୧ଟି ବୋଲି କେତେକ ମତ ଦିଅନ୍ତି। ତେବେ ତନ୍ତ୍ର ଚୂଡ଼ାମଣିରେ ୫୨ଟି ଶକ୍ତିପୀଠ ସଂପର୍କରେ କୁହାଯାଇଛି। ତେବେ ମାତା ସତୀଙ୍କ ୫୧ଟି ଶକ୍ତିପୀଠମାନଙ୍କ ମଧ୍ୟରେ "ଜଳନ୍ଧର ଶକ୍ତିପୀଠ" ବା ତାଲାବ ମନ୍ଦିର ଅନ୍ୟତମ। ଏହି ଶକ୍ତିପୀଠ ହିନ୍ଦୁମାନଙ୍କର ପ୍ରମୁଖ ଧାର୍ମିକ ସ୍ଥଳ ଭାବେ ବେଶ୍ ପରିଚିତ। ଏହି ଶକ୍ତିପୀଠ ସାରା ଭାରତରେ ବିଖ୍ୟାତ।

ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଣ୍ଡ ସଂରଚନା ପାଇଁ ଭଗବାନ ବ୍ରହ୍ମା, ଭଗବାନ ମହାଦେବ ଓ ଭଗବାନ ବିଷ୍ଣୁ ତାଙ୍କର ତଥାକଥିତ ମାତା ଆଦିଶକ୍ତିଙ୍କୁ ସନ୍ତୁଷ୍ଟି ପାଇଁ ଏକ ଯଜ୍ଞର ଆୟୋଜନ କଲେ। ମା'ଶକ୍ତି ମଧ୍ୟ ଏଥିରେ ବ୍ରହ୍ମାଙ୍କୁ ସହଯୋଗ ଦେଲେ। ତେବେ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ପିତାଙ୍କ ନିର୍ଦ୍ଦେଶରେ ମା' ଶକ୍ତିଙ୍କୁ ନିଜର ଝିଅ ରୂପରେ ପାଇବାକୁ ବିଭିନ୍ନ ଯଜ୍ଞ ଆଦି ଉପାସନା କଲେ। ଶେଷରେ ମା'ଶକ୍ତି ମାନବ ରୂପରେ ଜନ୍ମ ନେଲେ। ଏହାପଛରେ ବ୍ରହ୍ମାଙ୍କର ଉଦ୍ଦେଶ୍ୟ ଥିଲା ଯେ, ଭଗବାନ ଶିବଙ୍କ ସହ ଶକ୍ତିଙ୍କର ମିଶ୍ରଣ କରାଇ ସୃଷ୍ଟି ସଂରଚନା କରିବା ପାଇଁ। ସେଥିପାଇଁ ସେ ତାଙ୍କର ନାମକରଣ କରିଥିଲେ ସତୀ। ମାତ୍ର କୌଣସିପ୍ରକାର ମାତା ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଏହା ଜାଣିପାରି ଦକ୍ଷଙ୍କ ରାଗ ଚରମସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ

ମୁନିମଣ୍ଡଳଠାରେ ଏକ ଯଜ୍ଞର ଆୟୋଜନ କଲେ। ଝିଅ ସତୀ ଓ ଜ୍ୱାଇଁ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ଏଥିରେ ନିଜକୁ ଅପମାନିତ ବୋଧ କରି ସତୀ ସ୍ୱୟଂ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚି ଯାହା ଦେଖିଲେ ଆଖିକୁ ବିଶ୍ୱାସ କଲେ ନାହିଁ। ବାପା ଦକ୍ଷ କିଛି ଆଦର ଗଉର ନକରି ଝିଅ ଜ୍ୱାଇଁଙ୍କୁ ଅପମାନସୂଚକ ଶବ୍ଦ ସବୁ ଶୁଣାଇଲେ। ସେହିକ୍ଷଣି ବାପାଙ୍କ ଅପମାନକୁ ସହ୍ୟ କରି ନପାରି ମାତା ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସେଠାରେ ପହଞ୍ଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ଏହାଦ୍ୱାରା ସାରା ବ୍ରହ୍ମାଣ୍ଡ ପ୍ରକମ୍ପିତ ହୋଇ ଉଠିଲା। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଦେବ ଦେବୀ ମାନେ ଏହାର ସମାଧାନ ବା ଭଗବାନ ଶିବଙ୍କ କ୍ରୋଧକୁ ଶାନ୍ତ କରିବା ପାଇଁ କିଛି ଉପାୟ ବାହାର କରିବାକୁ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଧ୍ୱଂସଲୀଳା ବନ୍ଦ କରି ବ୍ରହ୍ମାଣ୍ଡରେ ଶାନ୍ତି ସ୍ଥାପନ ପାଇଁ ଭଗବାନ ବ୍ରହ୍ମା ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ବିଷ୍ଣୁ ଅନୁଭବ କଲେ ଯେ, ଯେପର୍ଯ୍ୟନ୍ତ ଭଗବାନ ଶିବଙ୍କ ହସ୍ତରୁ ମାତା ସତୀଙ୍କ ମର ଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଭଗବାନ ଶିବ ଶାନ୍ତ ହେବେ ନାହିଁ କି ବ୍ରହ୍ମାଣ୍ଡ ଧ୍ୱଂସାଭିମୁଖିରୁ ବର୍ତ୍ତିବ ନାହିଁ। ଏଣୁ ବ୍ରହ୍ମାଣ୍ଡ ରକ୍ଷା ପାଇଁ ସଙ୍ଗେସଙ୍ଗେ ଭଗବାନ ଶିବ ଧରିଥିବା ମାତା ସତୀଙ୍କ ମରଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ।

କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର ମା'ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଛିହୋଇ ପଡ଼ିଲା। ଦୁଃଖରେ ମ୍ରିୟମାଣ ଭଗବାନ ଶିବ ସତୀଙ୍କ ବିଖଣ୍ଡିତ ଅଙ୍ଗ ଖୋଜିବା ଆରମ୍ଭ କଲେ। ଏଥିରେ ସହାୟତା କଲେ ଭଗବାନ ଭୈରବ। ସର୍ବଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସମେତ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନଗୁ

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ଫେବୃଆରୀ ୨୫

ଜଙ୍ଗଲ ନିଆଁ

ଗିରିଧାରୀ ସାମଲ

ଜଙ୍ଗଲ ନିଆଁ ସଂପ୍ରତି ଏକ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି କଲାଣି । ଉତ୍ତରାଖଣ୍ଡରେ ଲାଗିଥିବା ଜଙ୍ଗଲ ନିଆଁକୁ ତ ଆମ ସମୟର ଅନ୍ୟତମ ସବୁଠାରୁ ଭୟାବହ ପରିବେଶ ବିପତ୍ତି ବୋଲି କୁହାଯାଉଛି । ଅବଶ୍ୟ ଆଶ୍ୱାସନାର କଥା ହେଲା, ସ୍ଥଳସେନା, ବାୟୁସେନା, ଅଗ୍ନି ପ୍ରଶମନ ବିଭାଗ ତଥା ପୁଲିସବାହିନୀର ଅକ୍ଳାନ୍ତ ପରିଶ୍ରମ ବଳରେ ଏହି ଭୟାବହ ନିଆଁକୁ ପ୍ରଶମିତ କରିପାରିଛନ୍ତି । ଏହି ନିଆଁ ଜାମ୍ମୁ-କାଶ୍ମୀରକୁ ବ୍ୟାପିଛି, ଏହାଦ୍ୱାରା ହିମାଳୟର ହିମବାହ ତରଳିବାର ଆଶଙ୍କା ମଧ୍ୟ ଦେଖାଦେଇଛି । ରାଜସ୍ଥାନର ୧୨,୦୦୦ ହେକ୍ଟର ପରିମିତ ରାଜାଜି ବ୍ୟାଘ୍ର ଅଭୟାରଣ୍ୟ ଏହି ନିଆଁର ଆଁରେ ଭସ୍ମୀଭୂତ ହୋଇଯାଇଛି । ଏଇ ମର୍ମରେ ଏବେ ଜଙ୍ଗଲ ନିଆଁକୁ ନେଇ ନୂଆ ଭାବେ ଚିନ୍ତା କରିବାର ସମୟ ଆସିଛି । ଆମ ରାଜ୍ୟରେ ବି ଏ ବର୍ଷ ଜଙ୍ଗଲ ନିଆଁର ବିଭୀଷିକା ଭୟାବହ ହୋଇଛି । ଏ ବର୍ଷ ୧୬୦୦୦ ହେକ୍ଟର ପରିମିତ ଜଙ୍ଗଲ ନିଆଁରେ ଭସ୍ମୀଭୂତ ହୋଇଯାଇଛି । ତଥ୍ୟାନୁସାରେ ଗତ ସାତ ବର୍ଷ ଭିତରେ ଆମ ରାଜ୍ୟରେ ୭୦୦୭୮ ହେକ୍ଟର ପରିମିତ ଅଞ୍ଚଳର ଜଙ୍ଗଲ ନିଆଁରେ ଧ୍ୱଂସ ହୋଇଛି । ଏହାଦ୍ୱାରା କେବଳ ଯେ ଲକ୍ଷ ଲକ୍ଷ ସଂଖ୍ୟାରେ ବୃକ୍ଷ ସଂପଦ ନଷ୍ଟ ହେଉଛି ତାହା ନୁହେଁ, ଜୀବଜନ୍ତୁ ମୃତ୍ୟୁମୁଖରେ ପଡ଼ିଛନ୍ତି ଏବଂ କିଛି ଆଦିବାସୀ ଗାଁ ବି ବିଧ୍ୱସ୍ତ ହୋଇଛି ।

ଜଙ୍ଗଲ ନିଆଁର କାରଣ ସମ୍ବନ୍ଧରେ ବିଭିନ୍ନ କଥା କୁହାଯାଉଛି, ଯାହା ଭିତରୁ ଗୋଟିଏ ହେଲା ଏହା ପରିକଳ୍ପିତ ଏବଂ ଏହା ପଛରେ ଜଙ୍ଗଲ ମାଫିଆ ଏବଂ ବନ ବିଭାଗର କର୍ମଚାରୀଙ୍କ ସଲାସୁତୁରା କାମ କରୁଛି । କୁହାଯାଉଛି ଯେ ଏହାଦ୍ୱାରା ଜଙ୍ଗଲ ପଦା ହେବାର ବାଟ ଫିଟୁଛି ଯାହା ପ୍ରକାରାନ୍ତରେ ପ୍ରଭାବଶାଳୀ ଜମି ଦଲାଲ ଓ ବିଲଡରମାନଙ୍କୁ ସେମାନଙ୍କ ସାମ୍ରାଜ୍ୟ ବିସ୍ତାର ଲାଗି ସାହାଯ୍ୟ କରିବ । ତେବେ ଆମ ରାଜ୍ୟରେ ଜଙ୍ଗଲ ନିଆଁ ମୁଖ୍ୟତଃ ଅସାବଧାନତା, ପୋଡୁଚାଷ କରିବା ପ୍ରତି ଜନଜାତି ବର୍ଗଙ୍କ ଉଦ୍ୟମ ଯୋଗୁ ହେଉଛି ବୋଲି କୁହାଯାଉଛି । ପୁଣି ଏ ବର୍ଷର ଶୁଷ୍କ ଜଳବାୟୁ, ଜଳହୀନତା ଜଙ୍ଗଲ ନିଆଁ ବ୍ୟାପିବାକୁ ସାହାଯ୍ୟ କରିଛି । ଯଦିଓ ବ୍ୟାପକ ବନୀକରଣ ଦ୍ୱାରା ଜଳିପୋଡ଼ି ଯାଇଥିବା ବନ ସଂପଦର ଭରଣା ପାଇଁ ଉଦ୍ୟମ କରାଯାଉଛି, ପ୍ରକୃତରେ ପ୍ରାକୃତିକ ଜଙ୍ଗଲର କ୍ଷତି ଭରଣା ଲାଗି ତାହା ଯେ ଆଦୌ ଯଥେଷ୍ଟ ନୁହେଁ, ତାହା କହିବା ବାହୁଲ୍ୟ ମାତ୍ର । ସବୁଠାରୁ ବଡ଼ ଉଦ୍‌ବେଗର ବିଷୟ ହେଲା, ଏକ ପରିବେଶଗତ ବିପତ୍ତିକୁ ସାଧାରଣରେ ଏକ ବିଚାର ଭାବେ ଗ୍ରହଣ କରି ଆମ୍ଭମାନଙ୍କ ଭିତରେ ସେତେଟା ସଚେତନତା ନାହିଁ । ବର୍ତ୍ତମାନ ନୂଆବର୍ଷ ପାଇଁ ଅନେକଆଡ଼େ ପିକ୍‌ନିକ୍ କରିବା ସମୟରେ ଆମ୍ଭେମାନେ ପାରିପାର୍ଶ୍ୱିକ ଗଛ ଓ ପରିବେଶକୁ ଚିନ୍ତା ନକରି ଖାମ୍‌ଖିଆଲି ଭାବେ ଚୁଲି ନିଆଁକୁ ଲିଭାଇ ନଥାଉ ଯାହାକି ବେଳେବେଳେ ଜଙ୍ଗଲ ନିଆଁର କାରଣ ପାଲଟିଥାଏ । ଜଙ୍ଗଲ ନିଆଁ ଦ୍ୱାରା ପରିବେଶ ସହ ବୃକ୍ଷଜଗତ, ପ୍ରାଣୀ ଓ ଜୀବଜନ୍ତୁ କ୍ଷତିଗ୍ରସ୍ତ ହୋଇଥାନ୍ତି । ଅନେକ ହୁଏତ ଭୁଲିଯାଇଥାନ୍ତି ଯେ ଆମ ଜୀବନର ମୁଖ୍ୟ ଅବଲମ୍ବନ କୁହାଯାଉଥିବା ଅମ୍ଳଜାନ ମଧ୍ୟ ବିଷାକ୍ତ ହୋଇଥାଏ । ଏସବୁ ସତ୍ତ୍ୱେ ଆମ୍ଭମାନଙ୍କ ଭିତରେ ଯଦିଓ ସଚେତନତା ବୃଦ୍ଧି ପାଉଛି ତଥାପି ତାହା ଯଥେଷ୍ଟ ହେଉନାହିଁ । ସରକାର ଓ ପ୍ରଶାସନ ଉପରେ ଏ ନେଇ ସବୁବେଳେ ଦୋଷାରୋପ କଲେ ଚଳିବ ନାହିଁ । ବ୍ୟାପକ ବୃକ୍ଷରୋପଣ ସହ ବୃକ୍ଷର ସଂରକ୍ଷଣ ଓ ଜଙ୍ଗଲ ନିଆଁକୁ ଆୟତ୍ତ ପାଇଁ ବିଭିନ୍ନ ଯୋଜନାରେ ଆମ୍ଭମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଜଙ୍ଗଲ ନିଆଁ ବ୍ୟାପୁଥିବା ସ୍ଥାନୀୟ ଅଞ୍ଚଳର ଅଧିବାସୀମାନେ ସରକାରଙ୍କ ସହଯୋଗରେ ଜଙ୍ଗଲ ସୁରକ୍ଷା ବାହିନୀ ଗଠନ କରି ଉଦ୍ୟମ କରିବା ଉଚିତ । ଜଙ୍ଗଲ ନିଆଁକୁ ଏକ ଭୟାବହ ବିପତ୍ତି ଭାବେ ଗ୍ରହଣ କରି ତାର ନିରାକରଣ ଲାଗି ଉଦ୍ୟମ କରିବାକୁ ହେବ ।

ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ,
ତୁଳସୀପୁର, କଟକ,
ଦୂରଭାଷ : ୯୪୩୭୪୫୦୧୧୪

ଲୋକଶକ୍ତି : ଦେଶର ଶକ୍ତି

ଯୁଧିଷ୍ଠିର ମହାରଣା

ଲୋକଶକ୍ତି ହିଁ ଦେଶର ଶକ୍ତି । ଜନସାଧାରଣଙ୍କ ଭିତରେ ଜାଗରଣ ସୃଷ୍ଟି ହେଲେ ତାକୁ ରୋକିବା କାହାରି ପକ୍ଷରେ ସମ୍ଭବ ନୁହେଁ । ସେହି ଲୋକଶକ୍ତି ବା ଜନଶକ୍ତିର ବିଜୟକୁ ଫିଲିପାଇନ୍‌ସରେ ପାଳନ କରାଯାଏ 'ଲୋକଶକ୍ତି ଦିବସ' ଭାବେ । ୧୯୮୬ ମସିହା ଫେବୃଆରୀ ୨୫ ତାରିଖରେ ସେଠାକାର ଜନସାଧାରଣ ଦେଶର ଏକଛତ୍ରବାଦୀ, ଅତ୍ୟାଚାରୀ, ଭ୍ରଷ୍ଟାଚାରୀ, ଦୁର୍ନୀତିଗ୍ରସ୍ତ, ଆତ୍ମସାତ୍‌କାରୀ, ବ୍ୟଭିଚାରୀ ସାମରିକ ଶାସକ ଫରଡିନାଣ୍ଡ ମାର୍କୋସଙ୍କୁ ଗାଦିରୁ ହଟାଇ ସେଠାରେ ଲୋକତନ୍ତ୍ରର ପ୍ରତିଷ୍ଠା କରିଥିଲେ । ତେଣୁ ସେହି ସ୍ମୃତିକୁ ମନେ ପକାଇବା ପାଇଁ ଫିଲିପାଇନ୍‌ସରେ ପ୍ରତ୍ୟେକ ବର୍ଷ ପାଳନ କରାଯାଏ 'ଲୋକଶକ୍ତି ଦିବସ' ।

୧୯୭୨ ମସିହାରେ ଫିଲିପାଇନ୍ସର ରାଜଧାନୀ ମାନିଲାରେ ସଂଗଠିତ ଏକ ବୋମା ବିସ୍ଫୋରଣ ଘଟଣାରେ ୯ଜଣଙ୍କର ମୃତ୍ୟୁ ହୋଇଯାଇଥିଲା । ଏହି ଘଟଣାରେ ରାଷ୍ଟ୍ରପତି ମାର୍କୋସ ଦେଶରେ ସାମରିକ ଆଇନ୍ ଲାଗୁ କରିଥିଲେ । ଏହି ଘଟଣାରେ ତାଙ୍କର ବିରୋଧୀ ବେନିଙ୍ଗନୋ ଆକୁଆନାଙ୍କୁ ଗିରଫ କରିଥିଲେ । ତାଙ୍କ ବିରୋଧରେ କୌଣସି ପ୍ରମାଣ ମିଳିନଥିଲେ ମଧ୍ୟ ସାମରିକ ଶାସକ ମିଥ୍ୟାରୋପରେ ତାଙ୍କୁ ମୃତ୍ୟୁଦଣ୍ଡ ଦେଇଥିଲେ । ତେବେ ଏହା କୋହଳ କରାଯାଇ ୭ବର୍ଷର ଜେଲଦଣ୍ଡରେ ପରିବର୍ତ୍ତନ ହୋଇଯାଇଥିଲା । ଜେଲରେ ସେ ହୃଦ୍‌ଘାତର ସମ୍ମୁଖୀନ ହେବାରୁ ତାଙ୍କୁ ଚିକିତ୍ସା ପାଇଁ ଆମେରିକା ପଠାଯାଇଥିଲା । କିନ୍ତୁ ସେଠାରୁ ଆକୁଆନା ଆଉ ଫେରିନଥିଲେ । ଆମେରିକାରେ ରହି ଆକୁଆନା ଓ ତାଙ୍କ ପତ୍ନୀ କୋରାଜୋନ୍, ମାର୍କୋସ ସରକାରୀ ବିରୋଧରେ ଅଭିଯାନ ଚଳାଇଲେ । ତେବେ ଏହି ସମୟ ମଧ୍ୟରେ ମାର୍କୋସ ସରକାରଙ୍କ ଏକଛତ୍ରବାଦ ସାମରିକ ଶାସନ ଦେଶରେ ବୃଦ୍ଧି ପାଇସାରିଥିଲା । ୧୯୮୩ ମସିହା ଅଗଷ୍ଟ ୨୧ ତାରିଖରେ ମାନିଲା ଫେରିଥିଲେ ଆକୁଆନା । ତେବେ ବିମାନ ବନ୍ଦରରେ ତାଙ୍କୁ ଜଣେ ଅଜଣା ବନ୍ଧୁକଧାରୀ ଗୁଳି କରି ହତ୍ୟା କରିଥିଲେ । ଏହି ଘଟଣା ପରେ ଦେଶରେ ବ୍ୟାପକ ଆନ୍ଦୋଳନ ଆରମ୍ଭ ହୋଇଯାଇଥିଲା । ଆକୁଆନାଙ୍କ ବିଧବା ପତ୍ନୀ କାରାଜୋନ୍‌ରେ ନେତୃତ୍ୱରେ ଆରମ୍ଭ ହୋଇଥିଲା ଆନ୍ଦୋଳନ । ଲୋକଶକ୍ତିର ପ୍ରବଳ ବିରୋଧ ସତ୍ତ୍ୱେ ନିର୍ବାଚନରେ ମାର୍କୋସ ସରକାର ବିଜୟ ଲାଭ କରିବାକୁ ସକ୍ଷମ ହୋଇଥିଲା । କିନ୍ତୁ ନିର୍ବାଚନରେ ଭ୍ରଷ୍ଟାଚାର, ବୁଥ୍‌ରେଗିଂ କରିଥିବା ଅଭିଯୋଗ ଓ ଆମେରିକାର ଚାପରେ ବାଧ୍ୟ ହୋଇ ୧୯୮୬ ମସିହା ଫେବୃଆରୀ ୨୫ ତାରିଖରେ ମାର୍କୋସ ନିଜ ପଦରୁ ଇସ୍ତଫା ଦେଇଥିଲେ ଏବଂ କୋରାଜନ ଦେଶର ରାଷ୍ଟ୍ରପତି ହୋଇଥିଲେ । ଫଳରେ ଦେଶରେ ଜନଶକ୍ତିର ବିଜୟ ହୋଇଥିଲା । ଏହି ସ୍ମୃତିକୁ ମନେରଖିବା ପାଇଁ ଦେଶରେ ପାଳିତ ହୋଇଥାଏ ଲୋକଶକ୍ତି ଦିବସ । ଏହା ୪ଦିନ ଧରି ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଇଥାଏ । କେବଳ ଫିଲିପାଇନ୍ସ ନୁହେଁ ବିଶ୍ୱର ଯେଉଁ ଯେଉଁ ରାଷ୍ଟ୍ର ପରାଧିନତାର ଶୃଙ୍ଖଳରୁ ମୁକ୍ତ ହୋଇ ସ୍ୱାଧୀନତା ପାଇଛି ସେଠି ବାସ୍ତବରେ ଗଣତନ୍ତ୍ରର ବିଜୟ ସହ ଲୋକତନ୍ତ୍ରର ବିଜୟ ଘଟିଛି । ଲୋକତନ୍ତ୍ର ବୋଇଲେ ଲୋକଶକ୍ତିରୁ ଉଦ୍ଭବ ସର୍ବବୃହତ୍ତ ଜାଗରଣ । ଆଜି ପୃଥିବୀର ସବୁଠି ବିକାଶଶୀଳ ରାଷ୍ଟ୍ର ହେଉ ବା ଅନୁନତ ରାଷ୍ଟ୍ର ସେଠି ସରକାରଙ୍କ ବିଧି ବ୍ୟବସ୍ଥା ହେଉ ବା କୌଣସି ଆଇନର ଯଥାର୍ଥତା ମାମଲା । ଯେଉଁଠି ବି ଲୋକଶକ୍ତି ଜାଗ୍ରତ ହୋଇଛି ସେଠି ପରିବର୍ତ୍ତନର ଧ୍ୱଜା ଉଡ଼ିଛି ନିଶ୍ଚୟ । ପୃଥିବୀର ବିଶାଳ ଗଣତନ୍ତ୍ରର ମର୍ଯ୍ୟାଦା ପାଇଥିବା ଆମ ପ୍ରିୟ ଜନ୍ମଭୂମି ଭାରତ ବର୍ଷରେ ସବୁବେଳେ ଲୋକଶକ୍ତିର ହିଁ ବିଜୟ ହୋଇ ଆସିଛି । ଏହି ଦେଶକୁ ବର୍ଷ ବର୍ଷ ଧରି ପରାଧିନତାର ଦଉଡିରେ ବାନ୍ଧି ରଖିଥିବା ଶକ୍ତିଶାଳୀ ଗୋରା ଶାସନକୁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଅହିଂସାର ଅସ୍ତ୍ରରେ ବିତାଡ଼ିତ କରାଯାଇ ସ୍ୱାଧୀନତା ପାଇଥିଲୁ ଆମେ । ମହାତ୍ମା ଗାନ୍ଧୀଙ୍କ ସହ ଅଗଣତି କୋଟି କୋଟି ଭାରତୀୟଙ୍କ ଲୋକଶକ୍ତିର ହିଁ ବିଜୟର ଫଳସ୍ୱରୂପ ଆମ ପ୍ରିୟ ଜନ୍ମଭୂମି ସ୍ୱାଧୀନତା ପାଇଥିଲା । ଆମେ ପ୍ରତିଟି ଭାରତୀୟ ଆମ ବୃହତ୍ ଗଣତାନ୍ତ୍ରିକ ବ୍ୟବସ୍ଥା ସହ ଲୋକଶକ୍ତି ସମ୍ମିଳିତ ଶକ୍ତିକୁ ନେଇ ପୃଥିବୀରେ ନିଜକୁ ଗର୍ବିତ ଅନୁଭବ କରୁଥିବା ଜଣେ ଜଣେ ନାଗରିକ । ଲୋକଶକ୍ତିର କେଉଁଠି ବି ପରାଜୟ ଘଟିନାହିଁ ଯଦିଓ କେତେକ କ୍ଷେତ୍ରରେ ବିଳମ୍ବିତ ହୋଇଛି ତେବେ ଯୁଗେ ଯୁଗେ ଲୋକଶକ୍ତିର ହିଁ ବିଜୟ ଘଟି ଆସିଛି ଓ ଘଟିବ ମଧ୍ୟ । କୌଣସି ଦେଶର ଚିନ୍ତାଶୀଳ ପ୍ରଗତି କ୍ଷେତ୍ରରେ ଲୋକଶକ୍ତିର ସଚେତନାତ୍ମକ ଜାଗରଣ ଏହାର କ୍ରାନ୍ତିକାରୀ ମୋଡ଼ ବୁଲାଇବା ପାଇଁ ସକ୍ଷମ ନିଶ୍ଚୟ । ତେବେ ଏ କ୍ଷେତ୍ରରେ ସବୁଠାରୁ ବଡ଼ ହେଉଛି ନିଜ ବ୍ୟକ୍ତିଗତ ବା ବ୍ୟକ୍ତିକୈନ୍ଦ୍ରିକ ସ୍ୱାର୍ଥ ଅପେକ୍ଷା ନିଜ ରାଷ୍ଟ୍ର ଓ ନିଜ ସମାଜର ସ୍ୱାର୍ଥକୁ ସବୁଠାରୁ ବଡ଼ ମନେକରିବା । ନିଃସ୍ୱାର୍ଥପର ଧୈର୍ଯ୍ୟଶୀଳ ଚିନ୍ତନ ହେଉ ବା ସଂଗ୍ରାମ ସେଠି ଲୋକଶକ୍ତିର ବିଜୟ ସୁନିଶ୍ଚିତ । ଅଧୈର୍ଯ୍ୟ ହୋଇ କୌଣସି କ୍ଷେତ୍ରରେ ହିଂସାର ରାସ୍ତାକୁ ଆମେମାନେ ଗ୍ରହଣ କରିବା ଯଥାର୍ଥ ନୁହେଁ ବରଂ ଏହା ଏକ ବିପଦଜନକ ପଦକ୍ଷେପ । ଆଜି ଲୋକଶକ୍ତି ଦିବସ ପରି ନିଜ ରାଷ୍ଟ୍ର ଓ ସମାଜ ପାଇଁ ସମର୍ପିତ ଦାୟିତ୍ୱବୋଧତାକୁ ଗୁରୁତ୍ୱ ମନେକରି ନିଃସ୍ୱାର୍ଥପର ଭାବେ ଦାୟିତ୍ୱ ପ୍ରତି ସଚେତନ ରହିବାର ପୁଣ୍ୟ ସ୍ମରଣୀୟ ଦିବସ । ଆଜିପରି ଦିନରେ ଆମ ସମସ୍ତଙ୍କ ଭିତରେ ନିଜ ଆତ୍ମଶକ୍ତିକୁ ଜାଗରିତ କରି ନିଜ ଦାୟିତ୍ୱକୁ ସୁଚାରୁରୂପେ ନିର୍ବାହ କରିଲେ ଏହି ଦିବସର ଯଥାର୍ଥତା ଓ ତାତ୍ପର୍ଯ୍ୟତା ଅମ୍ଳାନ ହୋଇ ରହିବ ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ଦୂରଭାଷ : ୯୪୩୭୧୬୩୫୨୮

ପିଲାଙ୍କୁ ନେଇ ସୃଜନର ଦୁନିଆ

ଅନୁପମା ଭୂୟାଁ

ନିଜ ପିଲାଙ୍କ ସଫଳତା ପାଇଁ କେଉଁ ପିତାମାତା ଖୁସି ବା ନହୁଅନ୍ତି । ସମସ୍ତେ ନିଜ ପିଲାଙ୍କ ସଫଳତା ପାଇଁ ଗର୍ବ କରିବା ସ୍ୱାଭାବିକ । କିନ୍ତୁ ଦେଖାଯାଇଥାଏ ଅଧିକାଂଶ ପିତାମାତା ସେମାନଙ୍କର ପିଲାଙ୍କ ଭବିଷ୍ୟତ ନେଇ ଯତ୍ନଶୀଳ ହୋଇଥିଲେ ମଧ୍ୟ କିନ୍ତୁ ସେମାନଙ୍କ ସୃଜନଶୀଳତା ପ୍ରତି ନଜର ଅନ୍ଦାଜ କରିଥାନ୍ତି । ସର୍ବଦା ଦେଖାଯାଇଥାଏ ପିଲାମାନେ ପ୍ରାୟତଃ ଜିଜ୍ଞାସୁ ସ୍ୱଭାବର ହୋଇଥିବାରୁ ଅନେକ ସମୟରେ ସେମାନେ ବହୁ ପ୍ରଶ୍ନ ପଚାରିଥାନ୍ତି । ବେଳେବେଳେ କୌତୂହଳ ବଶତଃ ଅନ୍ୟମାନଙ୍କର ଜ୍ଞାନର ପରିସୀମା ମାପିବା ପାଇଁ ମଧ୍ୟ ପ୍ରଶ୍ନ ପଚାରିଥାନ୍ତି । ତେବେ ଏଥିରୁ ସେମାନଙ୍କୁ ପ୍ରଗଲଭ ଭାବରେ ବିବେଚନା କରି ବିରକ୍ତି ପ୍ରକାଶ ନକରି ବରଂ ଉତ୍ସାହିତ କରନ୍ତୁ । ସେମାନଙ୍କୁ ଚଳେଇ ଦେଇ ସଂକ୍ଷିପ୍ତ ଉତ୍ତର ନଦେଇ ସବିଶେଷ ଭାବରେ ପ୍ରଶ୍ନଟିର ଉତ୍ତର ପ୍ରଦାନ କରନ୍ତୁ । ଯଦି ଆପଣ ସେ ପ୍ରଶ୍ନର ଉତ୍ତର ନିଜେ ଜାଣିନଥାନ୍ତି ତେବେ ସେମାନଙ୍କ ପ୍ରଶ୍ନଭୋର ଶୈଳୀକୁ ପ୍ରଶଂସା କରିବା ସହ ସେମାନଙ୍କୁ ଉତ୍ସାହିତ କରନ୍ତୁ । ସମ୍ପ୍ରତି ଅତ୍ୟାଧୁନିକ ବ୍ୟସ୍ତମୟ ଧାଅଁଧଉଡ଼ ଜୀବନ ଭିତରେ ପିତାମାତାମାନେ ସେମାନଙ୍କ ପିଲାଙ୍କୁ ଯଥେଷ୍ଟ ଭାବରେ ସମୟ ଦେଇପାରି ନଥାନ୍ତି । କିନ୍ତୁ ଏହା ଠିକ୍ ନୁହେଁ । ଯାହାବି ହେଲେ ସେମାନଙ୍କ ପାଇଁ କିଛି ସମୟ ବାହାର କରି ସେମାନଙ୍କ ସହ ସମୟ କାଟିବା କଥା । ସବୁବେଳେ ମନେ ରଖିଥାନ୍ତୁ ଆପଣ ସେମାନଙ୍କୁ ଯେତେ ଅଧିକ ସମୟ ଦେବେ ସେମାନଙ୍କ ସୃଜନଶୀଳତାର ବିକାଶ ସେତେ ଅଧିକ ହେବ । ଆଉଗୋଟିଏ କଥା ଭୁଲିବେ ନାହିଁ ପିଲାମାନଙ୍କ ସହ କ୍ରୀଡ଼ା କୌତୁକ କରିବା ସମୟରେ ଆପଣମାନେ ନିଜ ବୟସକୁ ଭୁଲିଯାଇ ଛୋଟ ପିଲାଙ୍କ ପରି ସେମାନଙ୍କ ସହ ଖେଳନ୍ତୁ । ବିଶେଷକରି ସ୍ୱାସ୍ଥ୍ୟପ୍ରଦ କ୍ରୀଡ଼ାକୁ ଗୁରୁତ୍ୱ ପ୍ରଦାନ କରନ୍ତୁ ।

ସମ୍ପର୍କ ଅଧିକ ନିବିଡ଼ କରିବା ପାଇଁ ଓ ପରସ୍ପର ମଧ୍ୟରେ ଭାବଗତ ସମ୍ପର୍କ ସୃଷ୍ଟି ପାଇଁ ପିଲାମାନଙ୍କ ସହ ବେଳେ ବେଳେ ସେମାନଙ୍କ ଚିନ୍ତନ ସହ ସମଭାଗୀ ହୋଇ ଛୋଟିଆ ଆଲୋଚନା କରନ୍ତୁ । ଅଧିକାଂଶ ପିତାମାତା ପିଲାଙ୍କ ସହ କେବଳ ଉପଦେଶ ବା ପରାମର୍ଶ ଦେବା ସମୟରେ କଥାବାର୍ତ୍ତା କରିଥାନ୍ତି । କିନ୍ତୁ ବିଭିନ୍ନ ବିଷୟରେ ସେମାନଙ୍କ ସହ ଆଲୋଚନା କଲେ ସେମାନଙ୍କ ସୃଜନଶୀଳତା ବଢ଼ିବ ବୋଲି ସେମାନେ ସମ୍ଭବତଃ ଭୁଲିଯାଇଥାନ୍ତି । ଏହି ସମୟରେ ସେମାନଙ୍କୁ ଆବଶ୍ୟକସ୍ଥଳେ ପରାମର୍ଶ ଦେବା ବ୍ୟତିରେକେ ସେମାନଙ୍କୁ କହିବା ପାଇଁ ସଂପୂର୍ଣ୍ଣ ସୁଯୋଗ ଦିଅନ୍ତୁ । ସେମାନଙ୍କ ଉପରେ ନିଜ ମତକୁ ଲଦି ଦେବାକୁ ଆଦୌ ଚେଷ୍ଟା କରନ୍ତୁ ନାହିଁ । ସମୟାନୁସାରେ ପିଲାମାନଙ୍କୁ ନିଜେ ନିଷ୍ପତ୍ତି ନେବାର ସୁଯୋଗ ଦେଇ ସେମାନଙ୍କୁ ସାହାସୀ ଓ ସ୍ୱାବଲମ୍ବୀ ହେବାର ବାର୍ତ୍ତାଦେଇ ସେମାନଙ୍କ ଉପରେ ଭରସା ରଖନ୍ତୁ । ଦେଖାଯାଇଥାଏ ଆମ୍ଭେମାନେ ସବୁବେଳେ ପିଲାମାନଙ୍କ ପାଇଁ ନିଜେ ହିଁ ନିଷ୍ପତ୍ତି ନେଇଥାଉ । ସେମାନଙ୍କ ପାଇଁ କେଉଁଟା ଠିକ୍ ବା ଭୁଲ ଆମେ ଭଲ ଭାବେ ଜାଣୁ ବୋଲି ବିଶ୍ୱାସ କରୁ । ସାରା ଜୀବନ ତ ଆମେ ସେମାନଙ୍କ ପାଇଁ ନିଷ୍ପତ୍ତି ନେଇ ପାରିବା ନାହିଁ ତେଣୁ ଏ ଦାୟିତ୍ୱ ତାଙ୍କ ଉପରେ ଛାଡି ଦିଆଗଲେ ଭଲ ହେବ । ତେବେ ଆପଣ ଏଥିରେ ଦିଗ୍‌ଦର୍ଶକର ଭୂମିକା ନିର୍ବାହ କରିପାରିବେ । ପିଲାମାନଙ୍କୁ ଶୋଇବା ସମୟରେ ବା ଅବସର ସମୟରେ ସେମାନଙ୍କ ମାନସିକ ଓ ବୌଦ୍ଧିକ ଶକ୍ତିର ବିକାଶ ପାଇଁ ବିଭିନ୍ନ ଗପ କୁହନ୍ତୁ । ପୌରାଣିକ କାହାଣୀ ଓ ଧାର୍ମିକ ଚିହ୍ନା କଥା କିମ୍ବା ପୂଜ୍ୟଶ୍ରୀ କୁମାର ଭାଇଙ୍କ ଲିଖିତ ପିଲାମାନଙ୍କ ଆଦର୍ଶ ପୁସ୍ତିକାରୁ କିଛି ନୀତିଗପ ସେମାନଙ୍କୁ ଶୁଣାନ୍ତୁ । ଭାରତବର୍ଷର ବିଭିନ୍ନ ପ୍ରତିଥ ଯଶା ବ୍ୟକ୍ତିତ୍ୱ ସମ୍ପର୍କିତ କାହାଣୀ ମଧ୍ୟ ସେମାନଙ୍କୁ ଶୁଣାଇଲେ ସେମାନେ ସେହି ମହତ୍ ବ୍ୟକ୍ତିମାନଙ୍କର ଜୀବନର ପ୍ରେରଣାପ୍ରଦ କାହାଣୀ ଶୁଣି ନିଜେ ଉତ୍ସାହ ପାଇପାରିବେ । ପିଲାମାନଙ୍କୁ ସକାଳେ କିମ୍ବା ସାନ୍ଧ୍ୟଭ୍ରମଣରେ ବୁଲାଇ ନେବାର ଅଭ୍ୟାସ କରାନ୍ତୁ । ଏହି ସମୟରେ ସେମାନଙ୍କୁ ବୃକ୍ଷଲତା ସମ୍ବନ୍ଧୀୟ, ପରିବେଶ ସୁରକ୍ଷା ସମ୍ପର୍କିତ କିମ୍ବା ବଗିଚାର ଯତ୍ନ ସମ୍ପର୍କିତ କିଛି କାହାଣୀ କୁହନ୍ତୁ । ଗୃହପାଳିତ ପଶୁପକ୍ଷୀଙ୍କୁ ସାହାଯ୍ୟ କରିବା ପାଇଁ ଉତ୍ସାହିତ କରିବା ସହ ମଝିରେ ମଝିରେ ବିଭିନ୍ନ ଚିଡ଼ିଆଖାନା ଓ ପାର୍କକୁ ସେମାନଙ୍କୁ ବୁଲାଇ ନିଅନ୍ତୁ । ଏହାଦ୍ୱାରା ପିଲାମାନେ ପ୍ରକୃତି ସହ ମିଶିବାର ସୁଯୋଗ ପାଇପାରିବେ । ପିଲାମାନଙ୍କୁ ଖେଳନା ଦେବା ସମୟରେ ସେମାନଙ୍କୁ ବିଶେଷକରି ବିଜ୍ଞାନ ଚିନ୍ତନ ଉଦ୍ରେକକାରୀ ଖେଳନା କିମ୍ବା କିଛି ଭଲ ପୁସ୍ତକ ପଢ଼ିବା ସମ୍ପର୍କରେ ଜାଣିବାର ସୁଯୋଗ ଦିଅନ୍ତୁ । ଏହାଦ୍ୱାରା ସେମାନଙ୍କ କଳ୍ପନା ଶକ୍ତିର ବିକାଶ ହେବା ସମ୍ଭବ ହେବ । ପିଲାମାନଙ୍କୁ ନିଜେ ନିଜର ଶ୍ରେଣୀଗତ ବିଜ୍ଞାନ ପ୍ରକଳ୍ପ କିମ୍ବା ଦଳଗତ ଆଲୋଚନା ପାଇଁ ଉତ୍ସାହିତ କରନ୍ତୁ । ବେଶୀ ସମୟ ଟିଭି ଦେଖାରେ ସୁଯୋଗ ନଦେଇ ବରଂ ସେମାନଙ୍କୁ କିଛି ସମୟ ଇଣ୍ଟରନେଟ୍‌ରେ ବିଜ୍ଞାନ, ଐତିହାସିକ କାହାଣୀ, ଲୋକ ପରମ୍ପରା ଓ ପର୍ଯ୍ୟଟନ, ଭ୍ରମଣ କାହାଣୀ ଠାରୁ କ୍ରୀଡ଼ା ସମ୍ପର୍କିତ ଘଟଣାବଳୀ ବା ପୌରାଣିକ ଲୋକକଥା କିଛି ଜାଣିବାର ସୁଯୋଗ ଦିଅନ୍ତୁ । ଛୋଟ ସମୟରୁ ସେମାନଙ୍କୁ ନିଜ ନିଜ ସ୍ୱାସ୍ଥ୍ୟ ସଚେତନ ରହିବା ପାଇଁ ଶିକ୍ଷା ଦିଅନ୍ତୁ । ସବୁବେଳେ ସେମାନଙ୍କୁ ଆତ୍ମନିର୍ଭରଶୀଳ ଓ ସ

ଜିଆଖତ-ଜୈବିକ କୃଷିର ପ୍ରମୁଖ ଦିଗ

ସୁବ୍ରତ କୁମାର ମହାନ୍ତି

ଏକବିଂଶ ଶତାବ୍ଦୀରେ ଏ ଯୁଗ ଉପନୀତ । ଯୁଗ ସହ ଯେମିତି ମଣିଷ ବଦଳୁଛି, ସେମିତି ବଦଳୁଛି ଏ ସମାଜ । ବଦଳି ମଧ୍ୟ ଯାଉଛି ଜୀବନ ଧାରଣର ପ୍ରତ୍ୟେକଟି ଧାରା । ଆଉ ଏଥିରୁ କୃଷି ବା ବାଦ୍ ଯିବ କେମିତି । ପ୍ରଥମେ ଜୈବିକ ପ୍ରଣାଳୀ ଅର୍ଥାତ ଜୈବିକ ସାର, ଜୈବିକ ଉପାୟରେ ରୋଗ ପୋକ ଦମନ ଇତ୍ୟାଦି ବ୍ୟବହାର କରୁଥିବା ମଣିଷ, କ୍ରମବର୍ଦ୍ଧିଷ୍ଣୁ ଜନ ସଂଖ୍ୟାକୁ ଆଖି ଆଗରେ ରଖି ଉତ୍କଟ ରସାୟନର ବ୍ୟବହାର କରେ । ଆଉ ବର୍ତ୍ତମାନ ଉକ୍ତ ଉତ୍କଟ ରସାୟନର କୁପ୍ରଭାବର ଜନସମୁଦାୟକୁ ରକ୍ଷା କରିବା ଲକ୍ଷ୍ୟରେ ପୁନଃ ଜୈବିକ ପଦ୍ଧତି ଆଡ଼କୁ ଅଗ୍ରସର ହୁଏ । ଅତଏବ୍ ଜିଆଖତ ଏକ ପ୍ରମୁଖ ଜୈବିକ ଉପାୟ ଯେଉଁଥିରେ ଜୈବ ଅବଶେଷ ବା ବାୟୋୱେଷ୍ଟର ପୁନଃ ସଦବ୍ୟବହାର ହୋଇପାରେ । ଜଣେ ସାଧାରଣ ଚାଷୀ ପାଇଁ ପରିବେଶ ପ୍ରଦୂଷଣ ତଥା ରସାୟନିକ ସାରର ବର୍ଦ୍ଧିତ ମୂଲ୍ୟ କଥା ବିଚାରକୁ ନେଲେ, ଜିଆଖତ ପ୍ରୟୋଗ ଏକ ଉତ୍ତମ ଜୈବିକ ଉପାୟ ଯାହା ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ କମ୍ ଖର୍ଚ୍ଚ ଜୈବିକ ଅବଶେଷକୁ ପୁନଃ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେଇଥାଏ । ଆମେ ଅନେକ ଯାଗାରେ ପଢ଼ିଛେ କୃଷକର ବନ୍ଧୁ ଜିଆ । ତେଣୁ ଜିଆକୁ ପାଳନ କରି କୃଷିଜାତ ଅବଶେଷକୁ ଖାଇବାକୁ ଦେଇ ଜିଆର ମଳ ବା ପାଚନ ନହୋଇଥିବା ଅବଶିଷ୍ଟାଂଶରୁ ବ୍ୟବହାର କରି ଯେଉଁ ଖତ ପ୍ରସ୍ତୁତ କରାଯାଏ ତାକୁ ଜିଆଖତ ବୋଲି ଆଖ୍ୟା ଦିଆଯାଏ, ଏହି ଜିଆଖତରେ ଆପାତତଃ ଶତକଡ଼ା ୩ ପ୍ରତିଶତ ଯବକ୍ଷାରଯାନ, ୧ ପ୍ରତିଶତ ଫସଫରସ, ୧.୫ ପ୍ରତିଶତ ପଟାସିୟମ ରହିଥାଏ । ତତ୍‌ସହିତ ବିଭିନ୍ନ ଜୀବସାର, ରୋଗପ୍ରତିରୋଧକାରୀ ପଦାର୍ଥ ତଥା ବହୁ ଉପକାରୀ ଜୈବତ୍ୱରକ (ଏନ୍‌ଜାଇମ) ରହିଥାଏ ଯାହା କୃଷକ ଅବଶେଷର ଜୈବବିଘଟନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଜିଆଖତରେ ପ୍ରୟୋଗ ଫଳରେ ମାଟିର ଉର୍ବରତା ବୃଦ୍ଧିପାଏ ଏବଂ ଯବକ୍ଷାରଜାନ ବିବନ୍ଧନ କରୁଥିବା ବୀଜାଣୁ ଗୁଡ଼ିକ ଉପରେ ଏହା ସୁପ୍ରଭାବ ପକାଇଥାଏ ।

ପ୍ରସ୍ତୁତି ପ୍ରଣାଳୀ :

ଜିଆଖତ ପ୍ରସ୍ତୁତିରେ କେତେଗୋଟି ଦିଗପ୍ରତି ଧ୍ୟାନ ଦେବାକୁ ପଡ଼େ ପ୍ରଥମେ ଉତ୍ତମମାନର, ଜିଆଚୟନ କରିବା ଜରୁରୀ ପରିବେଶ, ମୃତ୍ତିକାର ପ୍ରକାର, କୃଷିଜ ଅବଶେଷର ପ୍ରକାର ଇତ୍ୟାଦିକୁ ବିଚାରକୁ ନେଇ ଜିଆର

ବିଭିନ୍ନ ପ୍ରଜାତି ଚୟନ କରିବାକୁ ହୁଏ । ସାଧାରଣତଃ ଆମ ଦେଶରେ ଜିଆଖତ ପ୍ରସ୍ତୁତି ପାଇଁ ଦୁଇଟି ଜିଆ ପ୍ରଜାତିକୁ ଚୟନ କରାଯାଉଛି । ସେଗୁଡ଼ିକ ହେଲା ଏଇସିନିଆ ଫୋଏଟିଡ଼ା ଏବଂ ଇଉଡ୍ରିଲସ ଇଉଜେନି, ବଡ଼ କାଠ, ପ୍ଲାଷ୍ଟିକ ବା ସିମେଣ୍ଟ କୁଣ୍ଡ (ସର୍ବାଧିକ ୧ମି ୧ମି ୦.୫ମି) ଯେଉଁଥିରେ ପ୍ରାୟ ୧୫୦୦ ଜିଆର ବ୍ୟବହାର ହୋଇପାରିବ, ତାହାକୁ ନିଆଯାଏ ଏବଂ ଘର ଭିତରେ ଜିଆଖତ ପ୍ରସ୍ତୁତି କରିବା ସବୁବେଳେ ଗ୍ରହଣୀୟ । କୁଣ୍ଡର ତଳସ୍ତରରେ କୃଷିଜାତ ଅବଶିଷ୍ଟାଂଶ (ଜୈବବିଘଟନ ଯୋଗ୍ୟ)ର ,କ ସ୍ତର ଦିଆଯାଏ ଯାହା ୫ ସେ.ମି ଉଚ୍ଚତାର ହୋଇଥାଏ । ତା ଉପରେ ବିଘଟିତ ଗୋବରର ଏକ ୫ ସେମିର ସ୍ତର ଆଚ୍ଛାଦନ କରିବାକୁ ପଡ଼େ । ଏହିପରି ଗୋଟିଏ ପରେ ଗୋଟିଏ ସ୍ତର ଦେଲାପରେ ସର୍ବଉପର ଯଥାଯଥ ଜଳ ସିଞ୍ଚନ କରି ସଂପୂର୍ଣ୍ଣ ଆର୍ଦ୍ରତାକୁ ୩୦ ରୁ ୪୦ ପ୍ରତିଶତ ରଖାଯାଏ । ଏହା ଉପରେ ବିଘଟନକାରୀ ଜିଆକୁ ଛଡ଼ାଯାଏ ଏବଂ ଏହା ଉପରେ କିଛି ମାଟି ଘୋଡ଼ାଇ ସୂର୍ଯ୍ୟାଲୋକ ନ ପଡ଼ିବା ପାଇଁ ଅଖା ଘୋଡ଼ାଇ ଦିଆଯାଏ । ଗାଇଗୋରୁ, ଘୋଡ଼ା, ଘୁଷୁରୀ ଇତ୍ୟାଦି ମାନଙ୍କର ଶୁଖିଲା ମଳ ତଥା ଅବ୍ୟବହୃତ ପନିପରିବା ଅବଶିଷ୍ଟାଂଶ ଜିଆମାନଙ୍କର ଉତ୍ତମ ଖାଦ୍ୟ ରୂପେ କାର୍ଯ୍ୟକାରୀ । ଶୁଖିଲା ଗୋବରକୁ ସେହି ଅବସ୍ଥାରେ ଖାଦ୍ୟ ହିସାବରେ ବ୍ୟବହାର କରାଯାଇପାରେ । କିନ୍ତୁ ଉପରୋକ୍ତ ଅନ୍ୟ ଖାଦ୍ୟ ଗୁଡ଼ିକୁ ଶୁଖିଲା ଗୋବର ସାଙ୍ଗରେ ସମପରିମାଣରେ ମିଶାଇ ଖାଦ୍ୟ ହିସାବରେ ବ୍ୟବହାର କରାଯାଏ । ଯେତେବେଳେ ଖତ ପ୍ରସ୍ତୁତ ହୋଇଥାଏ, ଦୈନିକ ଜଳ ସିଞ୍ଚନ ପ୍ରକ୍ରିୟାକୁ ୨-୩ ଦିନ ପାଇଁ ବନ୍ଦ ରଖାଯାଏ । ତା'ପରେ ଉକ୍ତ ଆର୍ଦ୍ର ଜିଆଖତକୁ ବାହାରେ କିଛି ସମୟ ଗଦା କରି ଶୁଖାଇ ଦିଆଯାଏ । ଖତଗଦାର ଉପରିଭାଗରୁ ଜିଆ ଗୁଡ଼ିକ ତଳକୁ ସ୍ଥାନାନ୍ତରିତ ହୋଇଗଲା ପରେ ଏହା ଉପଯୋଗୀ ହୋଇଥାଏ ।

ପ୍ରସ୍ତୁତ ସମୟର ସତର୍କତା :

କେବଳ ଉଦ୍ଭିଦଜାତ ଅବଶେଷ ହିଁ ଜିଆଖତର ପ୍ରାଥମିକ ପଦାର୍ଥ ରୂପେ ବ୍ୟବହାର ଯୋଗ୍ୟ । ପ୍ରାଣୀଜ ଅବଶେଷ ଯଥା ଅଣ୍ଡାଖୋଳପା, ମାଂସ, ହାଡ଼ ଇତ୍ୟାଦି ଜିଆଖତ ପ୍ରସ୍ତୁତି ପାଇଁ ବ୍ୟବହାର୍ଯ୍ୟ ନୁହେଁ । ଠିଆପାଣି ବା ସ୍ୱଳ୍ପ ଆର୍ଦ୍ରତା ଜିଆ ଉପରେ ନକରାତ୍ମକ ପ୍ରଭାବ ପକାଏ । ସେଥିପାଇଁ ଆର୍ଦ୍ରତା ପରିଚାଳନା ସୂଚାରୁ ରୂପେ କରିବା ସଙ୍ଗେ ସଙ୍ଗେ ଜିଆଗୁଡ଼ିକୁ ପକ୍ଷୀ, ପିମ୍ପୁଡ଼ି, ଉଇ ଏବଂ ମୂଷା ଠାରୁ ରକ୍ଷା କରାଯିବା ଉଚିତ୍ । ଜିଆଖତକୁ ନିୟମିତ ବ୍ୟବଧାନରେ ବାହାର କରାଯିବା ମଧ୍ୟ ବିଧେୟ ।

ଜିଆଖତର ପ୍ରୟୋଗ :

 କ୍ଷେତ୍ର ଫସଲ ବା ଶ୍ୟ, ଡାଲି ଏବଂ ଅନ୍ୟାନ୍ୟ ଫସଲରେ ହେକ୍ଟର ପିଛା ୨-୩ ଟନ୍ ଜିଆଖତ ବ୍ୟବହାର କରାଯାଏ । ମି ବୁଣିବା ସମୟରେ ବା ଚାରା ୧୫ ସେ.ମି. ଉଚ୍ଚତା ହେବା ପରେ ଧାଡ଼ିରେ ଏହାର ପ୍ରୟୋଗ ଲାଭ ଦାୟକ ହୋଇଥାଏ । ଫଳଗଛ ଗୁଡ଼ିକରେ ଗଛର ବୟସକୁ ଦୃଷ୍ଟିରେ ରଖି ୫ଗରୁ ପିଛା ୫-୧୦ କି.ଗ୍ରା ଜିଆଖତ ଗଛ ଚାରିପାଖରେ ଏକ ରିଙ୍ଗ ବା ବେସନ୍ କରି ଗୋବରଖତ ସାଙ୍ଗରେ ମିଶାଇ ପ୍ରୟୋଗ ବିଧେୟ । ସେହିପରି ପନିପରିବା ଫସଲର ନର୍ସରୀରେ ହେକ୍ଟର ପିଛା ୧ ଟନ୍ ଜିଆଖତ ଓ ଚାରା ଲଗାଇବାର ୪୫ ଦିନ ପରେ ଜଳସେଚନ ପୂର୍ବରୁ ଗଛ ପିଛା ୫୦୦ ଗ୍ରା. ଜିଆଖତ ପ୍ରୟୋଗ ଅତ୍ୟନ୍ତ ଲାଭପ୍ରଦ ଫୁଲଗଛ ଚାଷ ବେଳେ ହେକ୍ଟର ପିଛା ୭୫୦ କି.ଗ୍ରା ଜିଆଖତ ପ୍ରୟୋଗ କରିବା ଜରୁରୀ ।

ତେଣୁ ଚାଷୀଭାଇମାନେ କୃଷି ବିଶେଷଜ୍ଞ ମାନଙ୍କ ପରାମର୍ଶ କ୍ରମେ ଏହାର ପ୍ରୟୋଗ କଲେ ସୁଫଳ ପାଇପାରିବେ ।

ସହକାରୀ ପ୍ରାଧ୍ୟାପକ,
ଶ୍ରୀ ଶ୍ରୀ ୟୁନିଭର୍ସିଟି, କଟକ

କୃଷି ଓ କୃଷକ - ଏକ ମାର୍ମିକ ଉଚ୍ଚାରଣ

ବିଜ୍ଞାନ ରଂଜନ ସାହୁ

ଆମ ଓଡ଼ିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ । ଏହାର ଅଧିକାଂଶ କୃଷି ଭୂମି ଗାଁ ଗହଳରେ ଅବସ୍ଥିତ । ଏହାର ଅଧିକାଂଶ କୃଷିଜିବି, ସେମାନେ କୃଷିକାର୍ଯ୍ୟ ଓ ମୂଳମଜୁରୀ ଲାଗି ସେମାନଙ୍କର ପରିବାର ପ୍ରତିପୋଷଣ କରନ୍ତି । ଓଡ଼ିଶାରେ ଅଧିକାଂଶ କୃଷକ ମାନଙ୍କର ନିଜର ଚାଷଜମି ନଥାଏ । ଏଣୁ ସେମାନେ ଭାଗଚାଷ କରନ୍ତି । ସାଧାରଣତଃ ଗାଁକହଳିରେ କୃଷକମାନଙ୍କ ପାଖରେ ଭଲ ଉତ୍ପାଦନ କରିବାର ଜ୍ଞାନ କୌଶଳ ଏବଂ ସୂଚନା ନଥାଏ । ସେମାନେ ପାରମ୍ପାରିକ ଭାବରେ କୃଷିକାର୍ଯ୍ୟ କରିଥାନ୍ତି । ପ୍ରାକୃତିକ ବିପର୍ଯ୍ୟୟ ହେତୁ ବହୁତ ଫସଲ କ୍ଷତି ଏବଂ ବ୍ୟାଘାତ ହୋଇଥାଏ ଓ କମ୍ ଉତ୍ପାଦନ ହୋଇଥାଏ । ଏଥି ଯୋଗୁଁ ସରକାର ମଧ୍ୟ ଆର୍ଥିକ ସହାୟତା ଦେଇଥାନ୍ତି । କିନ୍ତୁ ତାହା ଜମି ମାଲିକ ନିକଟକୁ ଚାଲିଯାଇଥାଏ ଏବଂ କୃଷକ ଏଥିରୁ କିଛି ପାଇ ନଥାଏ । ଏଥିଯୋଗୁଁ କେତେକ କୃଷକ ଭାଗଚାଷ କରିବାକୁ ମନା କରିଥାନ୍ତି । କୃଷିକାର୍ଯ୍ୟ ଛାଡ଼ି ସହରାଭିମୁଖୀ ହୋଇଥାନ୍ତି । ଆଉ ମଧ୍ୟ ଓଡ଼ିଶା ସରକାରଙ୍କ ଦ୍ୱାରା ୧ଟଙ୍କାରେ ୧୦ କେଜି ଚାଉଳ ପ୍ରଦାନ କରାଯାଉ ଥିବାରୁ ଦୈନିକ ଖାଇବା ଚଳିଯାଏ । ତେଣୁ କୃଷକ ମନରେ ଚାଷ କରିବା ପାଇଁ ଆଗ୍ରହ କମିଯାଏ।

ଅନ୍ୟ ପକ୍ଷରେ କୃଷକମାନେ ଚାଷ କାର୍ଯ୍ୟରେ ଜୈବିକ ଖତ, ଜୈବିକ ସାର ଏବଂ ଜୈବିକ କୀଟନାଶକ ପ୍ରୟୋଗ କରନ୍ତି ନାହିଁ । ଅଧିକ ଅମଳ ପାଇଁ ରାସାୟନିକ ସାର ଔଷଧ ପ୍ରୟୋଗ କରିଥାଆନ୍ତି । ଯାହା ଉପରେ ସେମାନଙ୍କର କୌଣସି ଜ୍ଞାନ ନଥାଏ । ଏହାଦ୍ୱାରା ଅଧିକ ଅମଳ ହୋଇଥାଏ । କିନ୍ତୁ ବହୁତ ପରିମାଣରେ ମୃତ୍ତିକା ଏହାର ଉତ୍ପାଦନର କ୍ଷମତା ହରାଇ ଥାଏ ଏବଂ ପରିବେଶ ପ୍ରଦୂଷଣ ହୋଇଥାଏ । ଆଗାମୀ ବର୍ଷ ମାନଙ୍କର ଅମଳର ପରିମାଣ ହ୍ରାସ ପାଇଥାଏ । ଏଥିଯୋଗୁଁ ଭାଗଚାଷିମାନେ ଭାଗଚାଷ ଛାଡ଼ି ଦେଇଥାନ୍ତି । ଏଣୁ ଜମି ମାଲିକକୁ କ୍ଷତି ସହିବାକୁ ପଡ଼େ ଓ ଜମିର ରକ୍ଷଣାବେକ୍ଷଣା ଅଭାବରୁ ଜମି ନଷ୍ଟ ହୋଇଯାଏ ।

ଆମେ ଜାଣିଛେ କୃଷକମାନେ ସାଧାରଣତଃ ପରିବେଶ ଉପରେ ନିର୍ଭର କରିଥାନ୍ତି । କିନ୍ତୁ ଏହା ସ୍ଥିର ନୁହେଁ ମାତ୍ର ଦିନକୁ ଦିନ ପରିବର୍ତ୍ତନ ହୋଇଥାଏ । ଏଣୁ ଆମେ ଏହାକୁ ରୋକିପାରିବା ନାହିଁ । ତେଣୁ କେତେକ କୃଷକ ମତରେ କୃଷିକାର୍ଯ୍ୟ ହେଉଛି ଭାଗ୍ୟ ଓ କଠିନ ପରିଶ୍ରମ ଉପରେ ନିର୍ଭରଶୀଳ । ଏଣୁ କୃଷିକାର୍ଯ୍ୟରେ ବାରମ୍ବାର କ୍ଷତି ହେବାରୁ କୃଷକମାନେ ଆତ୍ମହତ୍ୟା କରିଥାନ୍ତି ଏହି ସବୁ ସମସ୍ୟା

ଗୁଡ଼ିକରୁ ଦୂରେଇ ରହିବା ପାଇଁ କୃଷକମାନଙ୍କୁ କୃଷି ବିଜ୍ଞାନର ପ୍ରଶିକ୍ଷଣ କରିବା ନିତ୍ୟାନ୍ତ ଜରୁରୀ । ଯଦି ସେମାନେ ପ୍ରଶିକ୍ଷଣ ନେଇ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରି କୃଷିକାର୍ଯ୍ୟ ସମ୍ପାଦନ କରନ୍ତେ ଉତ୍ପାଦନ ବୃଦ୍ଧି ପାଇବ ।

ଆଧୁନିକ ପୃଥିବୀରେ ଗୋଟିଏ ଆଶ୍ଚର୍ଯ୍ୟ କଥା ସମସ୍ତେ ଭଲ ଖାଇବାକୁ ଚାହାନ୍ତି କିନ୍ତୁ ଉତ୍ପାଦନ କରିବାକୁ ନୁହେଁ । ସମସ୍ତେ ଭଲରେ ରହି ଚାକିରି କରିବାକୁ ଚାହାନ୍ତି କିନ୍ତୁ ଜଣେବି କେହି ଭଲ କୃଷକ ହେବାକୁ ଚାହାଁନ୍ତି ନାହିଁ । ଏବେ ପ୍ରଶ୍ନ ଉଠୁଚି- ଉତ୍ପାଦନ କରିବ କିଏ ? ଖାଦ୍ୟ ଆସିବ କେଉଁଠାରୁ । ତେଣୁ କୃଷକମାନଙ୍କୁ ଉପଯୁକ୍ତ ତାଲିମ୍ ପ୍ରାପ୍ତ କରାଯିବା ଦରକାର । ଏହାଦ୍ୱାରା କୃଷକମାନଙ୍କ ରୋଜଗାର ଏବଂ ଭବିଷ୍ୟତରେ କୃଷି ଏକ ମୁଖ୍ୟ ବୃତ୍ତି ହୋଇ ପାରିବ ।

କୃଷକ ପାଠ୍ୟକ୍ରମ :

୧. ପରିବେଶ ଅନୁଯାୟୀ ଶସ୍ୟ ଚିହ୍ନଟ କରିବା

୨. ନୂତନ ଜ୍ଞାନ କୌଶଳର ପ୍ରୟୋଗ

୩. ମିଶ୍ରିତ କୃଷି

୪. ଅଧିକ ଅମଳ କରିପାରୁଥିବା ବିହନ

୫. ନୂତନ ଯନ୍ତ୍ରପାତିର ପ୍ରୟୋଗ

୬. ବିଭିନ୍ନ ପନିପରିବା ଋତୁ ଅନୁସାରେ ଓ ବଜାର ଚାହିଦାରେ ଚାଷ କରିବା

ଜମିଟି ସାଧାରଣତଃ ହିଡ଼ ଦ୍ୱାରା ଭାଗ ଭାଗ ହୋଇଥାଏ । ତେଣୁ ଅଧିକ ଟଙ୍କା ନିବେଶ ହୋଇଥାଏ । ଯଦି ପାଖାପାଖି ଜମି ଥିବା କୃଷକ ନିଜସ୍ୱ ବୁଝାମଣାରେ ହିଡ଼ ଉଠାଇ ଜମିକୁ ଏକତ୍ର କରି ଚାଷ କରନ୍ତେ ଜଳସେଚନର ସୁବିଧା ସହ ଅମଳ ହୁଅନ୍ତା ।

ଯଦି କେତେକ କୃଷକ ଏକାଠି ହୋଇ ଗୋଟେ ଛୋଟ ଫାର୍ମ ଗଠନ କରି ସେମାନଙ୍କର ମିଳିତ ପ୍ରୟାସରେ ସେଠାରେ ଜୈବିକ ସାର, କମ୍ପୋଷ୍ଟ ଏବଂ ଏଫ୍.ୱାଇ.ଏମ୍. ଉତ୍ପାଦନ କରିପାରନ୍ତେ । ଏହା ସେମାନଙ୍କ ପାଇଁ ଅଧିକ ରୋଜଗାର ଦେଇ ପାରିବ । ଏଥିପାଇଁ କୃଷି ବିଜ୍ଞାନ ଶିକ୍ଷା ନିତ୍ୟାନ୍ତ ଆବଶ୍ୟକ ।

କୃଷି ସ୍ନାତକୋତ୍ତର , ଓୟୁଏଟି

ଟିଲାପିଆ - ମାଛ ଚାଷରେ ଏକ ନୂଆ ସମ୍ଭାବନା

ବିଜ୍ଞାନ ମିହିର ରାଉତ

ଟିଲାପିଆର ପ୍ରାୟ ୨୦ଟିପ୍ରଜାତି ମଧ୍ୟରୁ ଅଧିକାଂଶ ଆଫ୍ରିକା ପଶ୍ଚିମପାର୍ଶ୍ୱରେ ଥିବା ନଦୀମାନଙ୍କରେ ମିଳିଥାଏ । ଏଥିରୁ ମୁଖ୍ୟତ ୯ପ୍ରକାରର ପ୍ରଜାତି ଉପଯୁକ୍ତ ମନେ ହୁଏ । ନୀଳନଦୀ ଟିଲାପିଆ ସାରା ବିଶ୍ୱରେ ମୁଖ୍ୟ ଚାଷ ଉପଯୋଗୀ ଟିଲାପିଆ ଭାବେ ଗଣା ହୋଇଥାଏ । ନୀଳ ଟିଲାପିଆ ଶଙ୍କର ଜାତୀୟ ଟିଲାପିଆ ଉତ୍ପନ୍ନ କରିବାରେ ବ୍ୟବହାର କରାଯାଇଥାଏ । ଏହା ସମୁଦାୟ ବିଶ୍ୱର ଟିଲାପିଆ ଉତ୍ପାଦନର ପ୍ରାୟ ଶତକଡ଼ା ୮୦ଭାଗ ହୋଇଥାଏ । ଏଥିପାଇଁ ସାଧାରଣତଃ ଥଣ୍ଡା ଜଳବାୟୁ ଥିବା ପରିବେଶ ଆବଶ୍ୟକ । ମୋଜାମ୍ବିଆ ଟିଲାପିଆ ନୀଳନଦୀ ଟିଲାପିଆର ପ୍ରଜାତି ଅଟେ । ଲାଲ୍ ଟିଲାପିଆ - ଏହା ପ୍ରଥମେ ତାଇୱାନରେ ଉତ୍ପାଦିତ ହୋଇଥିଲା । ଏହା ବର୍ତ୍ତମାନ ସାରା ବିଶ୍ୱରେ ଆଦୃତ ହୋଇପାରିଛି ।

ଉତ୍ପାଦନ- ଟିଲାପିଆ ଉତ୍ପାଦନରେ ମୁଖ୍ୟତ ୧୦ଟି ଦେଶ ଆଗରେ ଅଛନ୍ତି । ତନ୍ମଧ୍ୟରୁ ଏସିଆ ମହାଦେଶରେ ଚୀନ୍ ହେଉଛି ମୁଖ୍ୟ ଟିଲାପିଆ ଉତ୍ପାଦନ କାରୀ ରାଷ୍ଟ୍ର । ବିଶ୍ୱର ଅର୍ଦ୍ଧାଧିକ ଟିଲାପିଆ ଚୀନ୍ ଆସିଥାଏ । ସମୁଦାୟ ଉତ୍ପାଦନର ପ୍ରାୟ ୮୫ ଶତକଡ଼ା ମଧୁର ପାଣିରୁ ଆସିଥାଏ । ଏହାକୁ ଉଭୟ ମଧୁର ଓ କ୍ଷାର ପାଣିରେ ଚାଷ କରାଯାଇପାରେ । ଭେକଟି ମାଛ ଚାଷରେ ଏହାକୁ ମୁଖ୍ୟ ଖାଦ୍ୟଭାବେ ବ୍ୟବହାର କରାଯାଇଥାଏ । ବିଭିନ୍ନ ଚାଷ ପଦ୍ଧତି- ପିରା ଚାଷ- ହ୍ରଦ ଓ ଜଳଭଣ୍ଡାର ମଧ୍ୟରେ ଟିଲାପିଆ ଟିଲାପିଆ ମାଛକୁ କେତେକ ଗରିବଙ୍କ ମାଛ ବୋଲି କହନ୍ତି । ଏହାର ମୂଳ ବାସସ୍ଥାନ ଆଫ୍ରିକା । ଆଫ୍ରିକା ମହାଦେଶ ବାହାରେ ସର୍ବପ୍ରଥମେ ଏହାର ଏକ ପ୍ରଜାତି ମୋଜାମ୍ବିକ ଟିଲାପିଆ ଚାଷ ଆରମ୍ଭ

ଚାଷ କରିବାରେ ଫିଲିପାଇନ୍ସ ଅଗ୍ରଣୀ । ପିରା ଚାଷ ମାଧ୍ୟମରେ ୫ ମାସରେ ୧୦୦ ବର୍ଗମିଟରରେ ୧୭୫ ଗ୍ରାମ ହାରାହାରି ଓଜନର ୫୪୦ କିଗ୍ରା ନୀଳନଦୀ ଟିଲାପିଆ ଉତ୍ପାନନ ହୋଇପାରିଥାଏ । ସେହିପରି ଚୀନ୍, ମାଲେସିଆ ଓ ଡିଂଗାପୁରରେ ଅଧିକାଂଶ ଚାଷୀ ଲାଲ୍ ଟିଲାପ୍ପିାକୁ କେନାଲ ବନ୍ଧ ଓ ଜଳଭଣ୍ଡାରରେ ପିଞ୍ଜରା ମଧ୍ୟରେ ସଗନ ଓ ଅର୍ଦ୍ଧସଘନ ଚାଷକଲା ବେଳେ ମଧ୍ୟ ବ୍ୟବହୃତ ହୋଇଥାଏ । ହୋଇଥିଲା । କିନ୍ତୁଏହା କ୍ଷୁଦ୍ର, କମ୍ ଚାହିଦା ଓ କେତେକ ଅନାଦୃତ କାରଣ ବଶତ ଏହାର ଚାଷ ସଫଳ ହୋଇପାରିନଥିଲା । ପରେ ବିଂଶ ଶତାବ୍ଦୀରେ ଏକ ଉନ୍ନତ ପ୍ରଜାତିର ଟିଲାପିଆକୁ ଚାଷ କରାଯାଇ ଅଭୂତପୂର୍ବ ସଫଳତା ହାସଲ କରାଯାଇଥିଲା । ଏହାକୁ ବିଂଶ ଶତାବ୍ଦୀର ମୁଖ୍ୟ ଜଳଜୀବ ଭାବେ ଗଣା ଯାଉଛି । ଏହି ମାଛ ଅତ୍ୟନ୍ତ ସହନଶୀଳ ଓ ରୋଗପ୍ରତିରୋଧକ୍ଷମ ହୋଇଥାଏ । ଏହାଛଡ଼ା ୪-୬ ମାସ ଭିତରେ ବିକ୍ରିଯୋଗ୍ୟ ହୋଇଥାଏ । ଏହି ମାଛକୁ ବର୍ତ୍ତମାନ ବ୍ୟବସାୟିକ ଉଦ୍ଦେଶ୍ୟରେ ଚାଷ କରାଯାଉଛି ।

ପୋଖରୀ ଚାଷ- ଫିଲିପାଇନ୍ସରେ ଟିଲାପିଆକୁ ଏକୁଳି ଚାଷ ଏବଂ ବାଂଲାଦେଶ, ଚୀନ ଆଦି ରାଷ୍ଟ୍ରରେ ମିଶ୍ରିତ ଚାଷ ଭାବେ ବ୍ୟବହାର କରାଯାଇଥାଏ । ଉତ୍ପାଦନ କ୍ଷେତ୍ରରେ ତାଇୱାନ ହେକ୍ଟର ପିଛା ହାରାହାରି ସର୍ବାଧିକ ୧୫-୨୦ ଟନ୍ ହେଉଥିବା ବେଳେ ଚୀନ୍,ଥାଇଲାଣ୍ଡ ଏହା ପଛକୁ ଅଛନ୍ତି । ଫିଲିପାଇନ୍ସରେ ୩-୪ ମାସ ଭିତରେ ୮୦-୯୦ ଶତକଡ଼ା ୧୫୦-୨୦୦ ଗ୍ରାମ ଓଜନର ୪-୭ ଟନ ଟିଲାପିଆ ଉତ୍ପନ୍ନ ହୋଇପାରିବ ।

ସେହିପରି ଦକ୍ଷିଣପୂର୍ବ ଏସିଆରେ ଇଣ୍ଡୋନେସିଆ, ଥାଇଲାଣ୍ଡ, ଭିଏତନାମ ଆଦି ଦେଶରେ ଟିଲାପିଆକୁ ମିଶ୍ରିତ ଚାଷ ଭାବରେ ମଧୁର ପାଣିରେ କୃଷି ଓ ପଶୁପାଳନ ସହ ସମ୍ପୋହିତ ଭାବେ ଚାଷ କରାଯାଇଥାଏ । ନୀଳନଦୀ ଟିଲାପିଆ ଚାଷକୁ ମୁଖ୍ୟତଃ ମଧୁର ପାଣିରେ କରାଯାଇଥାଏ । ଏହାକୁ ତାଇୱାନ, ମାଲେସିଆର କଂକ୍ରିଟ୍ ପୋଖରୀରେ ସଘନ ଚାଷ କରାଯାଇଥାଏ ।

ଏକଲିଙ୍ଗି ଚାଷ- ଟିଲାପିଆ ସାଧାରଣତଃ ୪-୬ ମାସ ବୟସ ମଧ୍ୟରେ ଉତ୍ପାଦନ କାରଯାଇଥାଏ । ଯାହା ଫଳରେ ପୋଖରୀରେ ବହୁଳ ପରିମାଣରେ ବାମନ ଆକୃତି ବିଶିଷ୍ଟ ଟିଲାପିଆ ମାଛ ମିଳିଥାଏ । ସୁତରାଂ ଏହାର ପ୍ରଜନନକୁ ନିୟନ୍ତ୍ରଣ କରିବା ଆବଶ୍ୟକ ହୋଇଥାଏ । ଅଧିକାଂଶ ଚାଷୀ ଏକଲିଙ୍ଗି ଚାଷକୁ ଗୁରୁତ୍ୱ ଦେଇଥାନ୍ତି । ସମୁଦାୟ ଚାଷ ଖର୍ଚ୍ଚର ପ୍ରାୟ ୩୪% କେବଳ ଖାଦ୍ୟ ଦ୍ୱାରା ହୋଇଥାଏ । ପିରା ଚାଷରେ ଖାଦ୍ୟର ବହୁଳ ବ୍ୟବହାର ହେତୁ ଏଥିରେ ଖାଦ୍ୟ ଖର୍ଚ୍ଚ ପ୍ରାୟ ୮୫% ହୋଇଥାଏ । କହିବାକୁ ଗଲେ ଟିଲାପିଆ ଚାଷ ଲାଭଦାୟକ ଅଟେ । ଏହି ଦୃଷ୍ଟିରୁ ଏସିଆ ଓ ଆମେରିକାର ବହୁ ରାଷ୍ଟ୍ର ଏବେ ଟିଲାପିଆ ଉତ୍ପାଦନ ଉପରେ ଗୁରୁତ୍ୱ ଦେଉଛନ୍ତି ।

ମତ୍ସ୍ୟ ଛାତ୍ର,
ଏମ୍.ଏସ୍ ସ୍ୱାମୀନାଥନ କୃଷି ବିଶ୍ୱବିଦ୍ୟାଳୟ, ପାରଳାଖେମୁଣ୍ଡି
ମୋ- ୭୯୭୮୧୯୬୮୩୪

ବିଶ୍ୱ ମୃତ୍ତିକା ଦିବସ ଅବସରରେ ପ୍ରବନ୍ଧ ପ୍ରତିଭା ଅନ୍ୱେଷଣ

ଶ୍ୟାମଳ ସୁବର୍ଣ୍ଣ ଓଡ଼ିଶାର ଏକ ଅଗ୍ରଣୀ କୃଷି ଭିତ୍ତିକ ପତ୍ରିକା ଭାବରେ କୃଷି ଓ କୃଷକର ଉନ୍ନତି ପାଇଁ କାର୍ଯ୍ୟରତ । କୃଷିର ବ୍ୟି

ମୋ ଓଡ଼ିଶା

ଭ୍ରମଣ ସାହିତ୍ୟର ଜନକ: ରହୁଲ ସାଂକୃତ୍ୟାୟନ



ରହୁଲ ସାଂକୃତ୍ୟାୟନ ଥିଲେ ଜଣେ ବିଶିଷ୍ଟ ହିନ୍ଦୀ ସାହିତ୍ୟକାର। ତାଙ୍କୁ ମହାପଣ୍ଡିତ ଉପାଧିରେ ସମ୍ବୋଧନ କରାଯାଇ ଥାଏ। ସେ ଜଣେ ପ୍ରତିଷ୍ଠିତ ବହୁଭାଷାବିତ୍ ଥିଲେ। ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ସେ ଭ୍ରମଣ କାହାଣୀ ତଥା ବିଶ୍ୱ ଦର୍ଶନ କ୍ଷେତ୍ରରେ ଲେଖନୀ ଚାଳନା କରି ବିଶେଷ ପ୍ରସିଦ୍ଧି ହାସଲ କରିପାରିଥିଲେ। ତାଙ୍କୁ ହିନ୍ଦୀ ଭ୍ରମଣ ସାହିତ୍ୟର ଜନକ ବୋଲି କୁହାଯାଇ ଥାଏ। ସେ ବୌଦ୍ଧ ଧର୍ମ ଉପରେ ଗବେଷଣା କରିଥିଲେ। ତିବ୍‌ବତ୍‌ଠାରୁ ଶ୍ରୀଲଙ୍କା ପର୍ଯ୍ୟନ୍ତ ଭ୍ରମଣ କରିଥିଲେ। ଏହାଛଡ଼ା ସେ ମଧ୍ୟ ଏସିଆ ମଧ୍ୟ ଭ୍ରମଣ କରିଥିଲେ। ଭ୍ରମଣ କରିଥିବା ସ୍ଥାନରୁ ସେ ଅତି ଦୁର୍ଲ୍ଲଭ ଗ୍ରନ୍ଥ ସଂଗ୍ରହ କରିଥିଲେ। ସେହିସବୁ

ଗ୍ରନ୍ଥ ଉପରେ ଗବେଷଣା କରି ସେ ବହୁ ଉପାଦେୟ ପୁସ୍ତକ ରଚନା କରିଯାଇଛନ୍ତି। ସେ ଅନେକ ଭ୍ରମଣ ଉପନ୍ୟାସ, କ୍ଷୁଦ୍ରଗଳ୍ପ, ଜୀବନୀ ଲେଖିଯାଇଛନ୍ତି। ସେ ସାମ୍ୟବାଦୀ ଚିନ୍ତାଧାରା ଦ୍ୱାରା ଅନୁପ୍ରାଣୀତ ଥିଲେ। ସେଥିପାଇଁ ସେ ଲେନିନ୍, ଷ୍ଟାଲିନ୍, କାର୍ଲମାର୍କସ୍, ମାଓ ସେ ତୁଙ୍ଗଙ୍କ ଭଳି ବାମପନ୍ଥୀ ଦାର୍ଶନିକ ଜୀବନୀ ଲେଖିଥିଲେ। ସାଂକୃତୟନଙ୍କ ସ୍ମୃତିରେ ଭାରତର ସରକାରଙ୍କ କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନ ପକ୍ଷରୁ ଭ୍ରମଣ ସାହିତ୍ୟକୁ ପ୍ରୋତ୍ସାହନ ଦେବା ଲାଗି ରାହୁଲ ସାଂକୃତାୟନ ଜାତୀୟ ପୁରସ୍କାର ଏବଂ ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ଭ୍ରମଣ ଗବେଷଣା କ୍ଷେତ୍ରକୁ ଅବଦାନ ପାଇଁ ମହାପଣ୍ଡିତ ରହୁଲ ସାଂକୃତାୟନ ୧୮୯୩ ମସିହା ଏପ୍ରିଲ ୯ ତାରିଖରେ ଉତ୍ତର ପ୍ରଦେଶର ଆଜମଗଡ଼ ଅନ୍ତର୍ଗତ ପାଣ୍ଡହା ଗ୍ରାମରେ ଜନ୍ମ ନେଇଥିଲେ।

ବାଦଲ ଭୂୟାଁ, ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ୍, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨, E-mail : badal009bhuyan@gmail.com

ବିଷ ବଳୟରେ ୯୦% ଭାରତୀୟ

—ଅଧିକ ସଂକ୍ରମିତ ହେବେ ଶିଶୁ—

ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅନୁଷ୍ଠିତ ହୋଇଯାଇଛି। କୁହାଯାଏ ଆମ ସମୟରେ ପିଲାମାନେ ହେଉଛନ୍ତି ଅମୃତର ସନ୍ତାନ ଓ ଭଗବାନଙ୍କ ଦିବ୍ୟ ପ୍ରତୀକ। ଆସନ୍ତୁ ଗୋଟିଏ ଛୋଟିଆ କଥା ଚିନ୍ତା କରିବା। ପୃଥିବୀକୁ ଘେରି ରହିଥିବା ନୀଳ ଆକାଶ ଆଗଭଳି ଆଉ ନିର୍ମଳ ନାହିଁ। ବିଷାକ୍ତ ବାୟୁରେ ଏହା ଭରପୁର। ଶ୍ୱାସକ୍ରିୟାରେ ବିଶ୍ୱବାସୀ ଅମ୍ଳଜାନ ସହିତ ପୁଳା ପୁଳା ବିଷ ଶୋଷି ଚାଲିଛନ୍ତତି। ବିଶ୍ୱର ପ୍ରାୟ ୯୯% ଲୋକ ବିଷାକ୍ତ ବାୟୁରେ ଶ୍ୱାସକ୍ରିୟା କରି ନିଜ ପାଇଁ ସାଙ୍ଘାତିକ ବିପଦ ସୃଷ୍ଟି କରୁଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ସଦ୍ୟ ରିପୋର୍ଟରୁ ଏହି ଚିତ୍ର ମିଳିଛି। ଭାରତର ପ୍ରାୟ ୯୦% ଲୋକ ବିଷାକ୍ତ ବାୟୁ ଘେରରେ ଥିବା ରିପୋର୍ଟ କହୁଛି। ବିଶ୍ୱର ୯୯% ବା ପାଖାପାଖି ୭୯୭ କୋଟି ଲୋକ ଶ୍ୱାସକ୍ରିୟା ସମୟରେ ନାଇଟ୍ରୋଜେନ ଡାଇଅକ୍ସାଇଡ୍ ଏବଂ ଅତି ସୂକ୍ଷ୍ମ ଅନିଷ୍ଟକାରୀ କଣିକା ଶୋଷୁଛନ୍ତି। ବାୟୁରେ ଥିବା ପାର୍ଟିକୁଲେଟ ମ୍ୟାଟର ବା ପିଏମ୍ (ଅତି ସୂକ୍ଷ୍ମ କଠିନ କଣିକା ଓ ତରଳ ବୁନ୍ଦା ଯେଉଁଥିରେ ଧୂଳି, ମଇଳା, ଧୂଆଁ ଆଦି ମିଶ୍ରିତ ହୋଇଥାଏ)। ଫୁସଫୁସ ପାଇଁ ବିଷଠାରୁ କିଛି କମ ନୁହେଁ। ତାହାଠାରୁ କମ ପିଏମ୍୧୦ ଏବଂ ୨.୫ ମାଇକ୍ରୋମିଟର ବା ତାହାଠାରୁ କମ (ପିଏମ୍୨.୫)। ଡବ୍ଲ୍ୟୁଏଚଓ ମୁତାବକ ପିଏମ୍୨.୫ର କଣିକା ଫୁସଫୁସ ମଧ୍ୟରେ ପ୍ରବେଶ କରି ରକ୍ତ ସହିତ ମିଶି ପ୍ରବାହିତ ହୋଇପାରିବ। ଏହାଦ୍ୱାରା ହୃଦରୋଗ ସମସ୍ୟା ସୃଷ୍ଟି ହୋଇପାରେ। ଆହୁରି ମଧ୍ୟ ମସ୍ତିଷ୍କାଘାତ, ଫୁସଫୁସ ରୋଗ, କ୍ୟାନସର ଓ ନିମୋନିଆର କାରଣ ମଧ୍ୟ ସାଜିପାରେ। ଲାନସେଟ ପତ୍ରିକାରେ ପ୍ରକାଶିତ ରିପୋର୍ଟ ଅନୁସାରେ ବାୟୁରେ ବଢୁଥିବା ନାଇଟ୍ରୋଜେନ ଡାଇଅକ୍ସାଇଡ୍ ମାତ୍ରା ପିଲାମାନଙ୍କ ଠାରେ ଆଜମା ରୋକ ବୃଦ୍ଧି କରିପାରେ। ଏହା ଯୋଗୁଁ ପ୍ରତିବର୍ଷ ୮.୫% ନୂଆ ଆଜମା ମାମଲା ସୃଷ୍ଟି ହେଉଛି। ପ୍ରତିବର୍ଷ ୪୨ ଲକ୍ଷ ଲୋକ ବାହ୍ୟ ବାୟୁ ପ୍ରଦୂଷଣ ସଂସ୍ପର୍ଶରେ ଆସି ପ୍ରାଣ ହରାଉଛନ୍ତି। ସେହିଭଳି ୩୮ ଲକ୍ଷ ଘର ମଧ୍ୟରେ ସୃଷ୍ଟି ପ୍ରଦୂଷଣ ଯୋଗୁଁ ପ୍ରାଣ କରାଉଛନ୍ତି। ମଇଳା ଚୁଲା ଏବଂ ବିଷାକ୍ତ ଇନ୍ଧନ ଯୋଗୁଁ ଘର ମଧ୍ୟରେ ପ୍ରଦୂଷଣ ବଢୁଛି। ଅର୍ଥାତ୍ ବର୍ଷକୁ ୮୦ ଲକ୍ଷ ଲୋକ ବାୟୁ ପ୍ରଦୂଷଣ ଯୋଗୁ ମରୁଛନ୍ତି। ବାୟୁ ପ୍ରଦୂଷଣର ପ୍ରତିକାର ପାଇଁ ଏବେ ଅଧିକାଂଶ ଦେଶ ନିଜ ଆଡୁ ଚେଷ୍ଟା କରୁଥିଲେ ହେଁ ତାହା ପର୍ଯ୍ୟାପ୍ତ ହେଉନାହିଁ। ବିଶ୍ୱର ୯୯ ପ୍ରତିଶତ ଲୋକ ପ୍ରଶ୍ୱାସରେ ଗ୍ରହଣ କରୁଛନ୍ତି ପ୍ରଦୂଷିତ ବାୟୁ। ମିଳୁନି ମୁକ୍ତ ଅମ୍ଳଜାନ। ଗ୍ରହଣ କରୁଥିବା ଏହି ବାୟୁର ପ୍ରଦୂଷଣ ସ୍ତର ଯଥେଷ୍ଟ ଅଧିକ। ଏହା ଲୋକଙ୍କ ପାଇଁ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି। ଏହି ସତର୍କ ସୂଚନା ଦେଇଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ। ଡବ୍ଲ୍ୟୁଏଚଓ ପକ୍ଷରୁ ଧାର୍ଯ୍ୟ ପ୍ରଦୂଷଣ ସ୍ତର ଠାରୁ ଏହି ବାୟୁର ମାନ ଅଧିକ ଖରାପ ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପୂର୍ବରୁ ଡବ୍ଲ୍ୟୁଏଚଓ ପକ୍ଷରୁ ବାୟୁ ମାନ ସମ୍ପର୍କରେ ପ୍ରକାଶିତ ସଦ୍ୟ ତଥ୍ୟରେ ବାର୍ଷିକ ହାରାହାରି ଭିତ୍ତିରେ ବାୟୁ ମଣ୍ଡଳରେ ମିଶୁଥିବା ଯବକ୍ଷାରଜାନ ଡାଇଅକ୍ସାଇଡ୍ ସମ୍ପର୍କିତ ସୂଚନା ସ୍ଥାନ ପାଇଛି। ଯାହା ସହରାଞ୍ଚଳ ପ୍ରଦୂଷଣ କ୍ଷେତ୍ରରେ ସର୍ବତ୍ର ପରିଲକ୍ଷିତ ହେଉଛି। ଏହି କାରଣରୁ ବାୟୁରେ ପାର୍ଟିକୁଲେଟ ମ୍ୟାଟର ଏବଂ ଓଜୋନର ଉପସ୍ଥିତି ବୃଦ୍ଧି ପାଉଛି। ପିଲାମାନଙ୍କୁ ଘର ଭିତରେ ଆବଦ୍ଧ କରି ରଖନ୍ତୁ ନାହିଁ ସେମାନଙ୍କ ପାଇଁ ସମୟ କାଢ଼ନ୍ତୁ କିନ୍ତୁ କରୋନା ସଂକ୍ରମଣର ଲହର ଯେହେତୁ କମି ନାହିଁ ପିଲାମାନଙ୍କୁ ମାସ୍କ ପିନ୍ଧିବା ସହିତ ସାମାଜିକ ଦୂରତା ଓ ସାନିଟାଇଜର ବ୍ୟବହାର ଶିଖାନ୍ତୁ। ଖରାଦିନ ହୋଇଥିବାରୁ ବିଶେଷକରି ପିଲାମାନଙ୍କୁ ପ୍ରଚୁର ପାଣି, ସୁଷମ ଖାଦ୍ୟ, ଫଳ ଦିଅନ୍ତୁ। ତଥାକଥିତ ଫାଷ୍ଟଫୁଡ୍ ଠାରୁ ଦୂରେଇ ରହିବା ବହୁତ ଭଲ କାରଣ ଏହି ପିଲାମାନଙ୍କ ସ୍ୱାସ୍ଥ୍ୟ ଆଗାମୀ ଭାରତର ଉଜ୍ଜ୍ୱଳ ଭବିଷ୍ୟତ ଓ ଆପଣଙ୍କ ମାନଙ୍କ ଅମୂଲ୍ୟ ବରଦାନ।

ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ, ଶିଶୁରୋଗ ବିଭାଗ, ଶିଶୁଭବନ, କଟକ, ଦୂରଭାଷ : ୯୪୩୭୧୨୪୦୭୪

ବରିଷ୍ଠ ନାଗରିକ ମଂଚର କାର୍ଯ୍ୟକାରିଣୀ ବୈଠକ

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ସହରରେ ବରିଷ୍ଠ ନାଗରିକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଖୋର୍ଦ୍ଧା ବରିଷ୍ଠ ନାଗରିକ ମଂଚ କାର୍ଯ୍ୟକାରିଣୀ ସଦସ୍ୟମାନଙ୍କର ଏକ ବୈଠକ ସଭାପତି ସତ୍ୟବାଦୀ ବଳିଆରସିଂହଙ୍କ ଅଧ୍ୟକ୍ଷତାରେ ବିଜେବି ନଗର ଗାୟତ୍ରୀ ଶକ୍ତିପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟର ଭିତ୍ତିଭୂମି ଉନ୍ନତ ମାନର ହୋଇଥିଲେ ମଧ୍ୟ ବରିଷ୍ଠ ନାଗରିକ ତଥା ସାଧାରଣ ଜନତାଙ୍କର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବହୁ ତ୍ରୁଟି ବିଚ୍ୟୁତି ରହୁଥିବା ହେତୁ ଏ ନେଇ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ଏଥିପାଇଁ ଏକ ତିନିଜଣିଆ କମିଟି ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ବାସ୍ତବ ଚିତ୍ର ସାମ୍ନାକୁ ଆଣି ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ବରିଷ୍ଠ ନାଗରିକମାନଙ୍କୁ ଖୋର୍ଦ୍ଧା ଆଦର୍ଶ ଥାନା ପକ୍ଷର ପରିଚୟ ପତ୍ର ପ୍ରଦାନ କରାଯିବା ସହ ଆସନ୍ତା ଏପ୍ରିଲ ୧୬ ତାରିଖରେ ସାଧାରଣ ସଭା କରାଯିବା ପାଇଁ ସ୍ଥିର ହୋଇଥିଲା। ସୁସ୍ଥ ସାମାଜିକ ଜୀବନଯାପନରେ ବ୍ରତୀ ଥିବା ଆଦର୍ଶ ପରିବାରକୁ ସମ୍ମର୍ଧିତ କରାଯିବ ବୋଲି ସଂପାଦକ ରାମଶଙ୍କର ସୂଚନା ଦେଇଥିଲେ। ନବନିର୍ବାଚିତ ପୌରାଧ୍ୟକ୍ଷା କନକଲତା ମହାନ୍ତି ତଥା ସମସ୍ତ ୱାର୍ଡର କାଉନସିଲରଙ୍କୁ ବରିଷ୍ଠ ନାଗରିକ ମଂଚ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ ସହ ସହରର ସର୍ବାଙ୍ଗୀନ ବିକାଶ ପାଇଁ ଦଳ, ମତ ନିର୍ବିଶେଷରେ ଉଦ୍ୟମ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହି ବୈଠକରେ ଉପଦେଷ୍ଟା ବୈକୁଣ୍ଠନାଥ ରାଜଗୁରୁ, ଆଇନଜୀବୀ ବିଚିତ୍ର କୁମାର ବଡ଼ଜେନା, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ସହ-ସଂପାଦକ ବସନ୍ତ କୁମାର ଦାଶ, କୋଷାଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ମହାରଣା, ନାରାୟଣ ଦାସ, କୃଷ୍ଣଚନ୍ଦ୍ର ହରିଚନ୍ଦନ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ଶ୍ରୀରାମ ମନ୍ଦିରରେ ଉତ୍କଳ ଦିବସ ପାଳନ ଓ ସମ୍ବର୍ଦ୍ଧନା ସଭା

ଖୋର୍ଦ୍ଧା (ପିଏନ୍)- ଖୋର୍ଦ୍ଧା ଶ୍ରୀରାମ ନଗରସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ତ୍ରିନାଥ ଚରଣ ସ୍ମୃତି କଳା ସାହିତ୍ୟ ସଂସଦ, ଶ୍ରୀରାମ ମନ୍ଦିର ଉନ୍ନତି ମିଳିତ ଭାବେ ୧୩୦ରୁ ଉର୍ଦ୍ଧ୍ୱ ସଭ୍ୟ ସଭ୍ୟାଙ୍କ ଉପସ୍ଥିତିରେ ଶିକ୍ଷାବିତ୍ ଦୟାନିଧି ସାହୁଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଦିବସ ପାଳିତ ହୋଇଛି। ଏହି ଅବସରରେ ଖୋର୍ଦ୍ଧା ଜିଲ୍ଲା ପରିଷଦର ନବ ନିର୍ବାଚିତ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ଖୋର୍ଦ୍ଧା ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ଓ କାଉନସିଲର ସୌର୍ଯ୍ୟ ରଂଜନ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି ରୂପେ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ମୁଖ୍ୟବକ୍ତା ରୂପେ ଐତିହାସିକ ସତ୍ୟବାଦୀ ବଳିଆରସିଂହ ଏବଂ ସମ୍ମାନିତ ଅତିଥି ରୂପେ ଯୋଗଗୁରୁ ସୀତାକାନ୍ତ ପଣ୍ଡା, ସାହିତ୍ୟିକ ଗୋବିନ୍ଦ ଚନ୍ଦ୍ର ମହାରଣା ଓ ଆଡ଼ଭୋକେଟ ବ୍ରଜ କିଶୋର ସାହୁ ଯୋଗ ଦେଇ ପ୍ରାଚୀନ ଓଡ଼ିଆ ଭାଷାର ବହୁଳ ବ୍ୟବହାର ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାସୁଦେବ ନାୟକ, ପ୍ରଫେସର ପରେଶ ଚନ୍ଦ୍ର ପଟ୍ଟନାୟକ, ଗୋଲକ ବିହାରୀ ଜେନା, ସନ୍ତୋଷ ରାଉତ, ସର୍ବେଶ୍ୱର ଦାସ, କନକମଂଜରୀ ପଟ୍ଟନାୟକ, ବିଜୟ କୁମାର ବେହେରା, ଆଶାଲତା ବଳିଆରସିଂହ, କନକ ଜେନା, ଦୁର୍ଗାବତୀ କହଲସିଂହ, ଉର୍ମିଳା ବେହେରା ଓ ସ୍ୱପ୍ନା ପଟ୍ଟନାୟକ ବକ୍ତବ୍ୟ ଦେଇଥିଲେ। ଜ୍ୟୋତି ରଂଜନ ସାହୁ, ସୁଜାତା ପଟ୍ଟନାୟକ ଓ ରଶ୍ମୀରେଖା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନୃତ୍ୟଗୁରୁ ହେମନ୍ତ ବେହେରା, ଗତିକୃଷ୍ଣ ଜେନା ଓ ଚିନ୍ମୟୀ ପଣ୍ଡାଙ୍କ ନିର୍ଦ୍ଦେଶନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତ୍ରିନାଥ ଚରଣ ସ୍ମୃତି କଳା ଓ ସାହିତ୍ୟ ସଂସଦର ସମ୍ପାଦିକା ଇତିଶ୍ରୀ ସାହୁ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ।

କ୍ରାନ୍ତିକାରୀ ଶିକ୍ଷକ ନେତା ଅର୍ଜୁନ ଚରଣ ଦାଶ

ବ୍ୟକ୍ତି ସମକାଳର। ବ୍ୟକ୍ତିତ୍ୱ ଚିରକାଳର। ଆଦର୍ଶ ବ୍ୟକ୍ତିତ୍ୱର ମହକ ବିଚ୍ଛୁରିତ ହୋଇପଡେ ସମାଜରୁ ରାଷ୍ଟ୍ରକୁ। ସେହିପରି ଜଣେ କାଳଜୟୀ ବ୍ୟକ୍ତିତ୍ୱ ଥିଲେ କ୍ରାନ୍ତିକାରୀ ଶିକ୍ଷକ ନେତା ଅର୍ଜୁନ ଚରଣ ଦାସ । ୨୦୧୩ ମସିହା ଏପ୍ରିଲ୍ ମାସ ୫ ତାରିଖରେ ତାଙ୍କର ଦେହାବସାନ ଘଟିଲା। ତାଙ୍କ ବିୟୋଗରେ ଗୋଟିଏ ଯୁଗର ଅବସାନ ହୋଇଗଲା । ଶିକ୍ଷକ ମହାସଂଘ ପରିବାରର ସେ ଥିଲେ ଜ୍ୟେଷ୍ଠ, ମୁରବୀ ଓ ମହାସାରଥୀ । - ଯେଉଁ ଯୁଗ ଥିଲା ଦାବି ହାସଲ ପାଇଁ ବେସାଲିସ୍ ସଂଗ୍ରାମର ତଥା ନିର୍ବିବାଦୀୟ ନିଷ୍ଠାର ଓ ସଂଗଠନ ପ୍ରତି ଅବିଚଳିତ ଆନୁଗତ୍ୟର ଯୁଗ ।

ଏହି କ୍ରାନ୍ତିକାରୀ ଶିକ୍ଷକ ନେତା ୧୯୩୦ମସିହା ଏପ୍ରିଲ ମାସ ୩ତାରିଖରେ ଅବିଭକ୍ତ କଟକ ଜିଲ୍ଲା ଓ ବର୍ତ୍ତମାନର ଜଗତସିଂହପୁର ଜିଲ୍ଲାର ଗୋପାଳପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ଗୁଣନିଧି ଦାଶ ଓ ମାତାଙ୍କ ନାମ ଥିଲା ମାଗୁଣି ଦେବୀ । ବାଲ୍ୟକାଳରୁ ଲେଖାଲେଖି ପ୍ରତି ତାଙ୍କର ଗଭୀର ଆସକ୍ତି ଥିଲା । ଥରେ ସେ କୌଣସି ଲେଖା ଲେଖି ବସିଲେ ତାହା ନସରିବା ପର୍ଯ୍ୟନ୍ତ ସେଠାରୁ ସେ ଉଠୁ ନଥିଲେ । ଏହି ଅଭ୍ୟାସ ଓ ପ୍ରଚେଷ୍ଟା ହିଁ ତାଙ୍କୁ

ପରବର୍ତ୍ତୀ ପର୍ଯ୍ୟାୟରେ ଜଣେ ସ୍ୱନାମଧନ୍ୟ ଲେଖକ ହେବାରେ ସହାୟକ ହୋଇଥିଲା । ଯାହାର ଫଳ ସ୍ୱରୂପ ସେ ଅନେକ ଗୁଡିଏ ନାଟକ ରଚନା କରି ନିଜକୁ ଜଣେ ସଫଳ ନାଟ୍ୟକାର ରୂପେ ପ୍ରତିଷ୍ଠିତ କରିପାରିଥିଲେ ।

ଅର୍ଜୁନ ଚରଣ ଦାଶ ଏକାଧାରରେ ଥିଲେ ଜଣେ ସ୍ୱନାମଧନ୍ୟ ଶିକ୍ଷକ,ଉଚ୍ଚକୋଟୀର ବାଗ୍ମୀ,ଦକ୍ଷ ସଂଗଠକ ତଥା ରାଜ୍ୟର ଜଣେ ଅଦ୍ୱିତୀୟ ଶିକ୍ଷକନେତା । ଜୀବନ ସଂଗ୍ରାମରେ ସେ କେବେ ଭାଙ୍ଗି ପଡିନଥିଲେ । ଶିକ୍ଷକ ମାନଙ୍କର ଜୀବନ ଜୀବିକା ସମସ୍ୟାର ସମାଧାନ ତାଙ୍କ ଜୀବନର ମୂଳମନ୍ତ୍ର ଥିଲା । ଥରେ ସେ ଯାହା ଚିନ୍ତା କରୁଥିଲେ ତାହା କାମରେ କରି ଦେଖାଉଥିଲେ,ଏହାହିଁ ଥିଲା ତାଙ୍କର ବିଶେଷତ୍ୱ । ଓଡିଶାର ଶିକ୍ଷକ ସମାଜ ଦୁଃଖରେ ନରୁହନ୍ତୁ, ସେମାନଙ୍କର ସମସ୍ୟାର ସମାଧାନ ହେଉ,ଓଡିଶାରେ ଶିକ୍ଷାର ବିକାଶ ହେଉ ଏହାହିଁ ଥିଲା ତାଙ୍କର ଅନବରତ ଚିନ୍ତା । ଏଥିପାଇଁ ସେ ନିଜ ଜୀବନକୁ ଶିକ୍ଷକ ସମାଜର ଉନ୍ନତି ନିମନ୍ତେ ଉତ୍ସର୍ଗ କରିଥିଲେ ।

ସଂଗଠନ କ୍ଷେତ୍ରରେ ଅର୍ଜୁନ ଚରଣ ଉତ୍ତୁଙ୍ଗ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ରାଜ୍ୟ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ତିର୍ତ୍ତୋଲ ବ୍ଲକର ସଂମ୍ପାଦକ,ଜିଲ୍ଲା ସଂମ୍ପାଦକ ଭାବେ କାର୍ଯ୍ୟକରି ସେ ନିଜର ସାଂଗଠନିକ ଦକ୍ଷତାର ପ୍ରମାଣ ଦେଇଥିଲେ । ଆଉ ତା'ପରର ଘଟଣା ଥିଲା ସ୍ୱର୍ଣ୍ଣାଭ ଇତିହାସ । ପରବର୍ତ୍ତୀ ପର୍ଯ୍ୟାୟରେ ସେ ରାଜ୍ୟ ନିମ୍ନ ମାଧ୍ୟମିକ ଶିକ୍ଷକସଂଘ ଉପ-ସଭାପତି ଓ ୧୯୯୦ ରୁ ୧୯୯୮ପର୍ଯ୍ୟନ୍ତ ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ସଭାପତି ଭାବେ କାର୍ଯ୍ୟକରି ସେ କେବଳ ଜଗତସିଂହପୁର ଜିଲ୍ଲା ନୁହେଁ ସମଗ୍ର ରାଜ୍ୟରେ ଶିକ୍ଷକ ସଂଗଠନକୁ ଶକ୍ତିଶାଳୀ କରିବା ସହ ଶିକ୍ଷକ,ଅଧ୍ୟାପକ ଓ କର୍ମଚାରୀ ମାନଙ୍କର ଅନୁଦାନ ଓ ଚାକିରୀ ସର୍ତ୍ତାବଳୀ ପ୍ରମୁଖ ସମସ୍ୟା ସମାଧନରେ ନିର୍ଣ୍ଣାୟକ ଭୂମିକା ନେଇଥିଲେ । ଶିକ୍ଷକ ଗୌରବ ସ୍ୱର୍ଗତଃ ବନମାଳୀ ବ୍ରହ୍ମଚାରୀ, ସ୍ୱର୍ଗତ କୈଳାସ ମହାପାତ୍ର, ପ୍ରଫେସର ଅବନୀ ବରାଳ, ପ୍ରଫେସର ଭଗବାନ ଜେନା ଓ ଆହୁରି ଅନେକ ଶିକ୍ଷକ ନେତାଙ୍କ ସହ ସାମିଲ ହୋଇ ଶିକ୍ଷକମାନଙ୍କୁ ଚାକିରୀ ସର୍ତ୍ତାବଳୀ ପ୍ରଦାନ, ପ୍ରତ୍ୟକ୍ଷ ଅନୁଦାନ ସୁବିଧା, ପେନ୍‌ସନ୍ ପ୍ରଦାନ,ଅଧ୍ୟାପକ ମାନଙ୍କୁ ୟୁ.ଜି.ସି ବେତନ ପ୍ରଦାନ ଆଦି ସୁବିଧା-ସୁଯୋଗ ମିଳିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା । ଏକଥା ଯେ କେହି ମୁକ୍ତକଣ୍ଠରେ ସ୍ୱୀକାର କରିବେ ।

ଜଣେ ସଫଳ,ଦକ୍ଷ ଓ ଛାତ୍ରବତ୍ସଳ ଶିକ୍ଷକ ଭାବେ ଅର୍ଜୁନ ଦାଶଙ୍କର ନିଆରା ପରିଚୟ ଥିଲା । ପ୍ରଥମେ ଭୁବନେଶ୍ୱର ଚନ୍ଦକା ହାଇସ୍କୁଲରୁ ଶିକ୍ଷକତା ଆରମ୍ଭ କରି ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ ସେ । ପରେ କସର୍ଦ୍ଦାର କୁଳଶ୍ରୀ ମାଇନର ସ୍କୁଲ ଏବଂ ତାପରେ ନିଜ ଗାଁ ଗୋପାଳପୁରରେ ଥିବା ବଟମଙ୍ଗଳା ବିଦ୍ୟାପୀଠର ମଙ୍ଗଧରି ୧୯୮୮ରେ ଅବସର ନେବା ପର୍ଯ୍ୟନ୍ତ ଜଣେ କୃତୀ ଶିକ୍ଷକ ଭାବେ ସେ ଯେଉଁ ଛାପ ଛାଡିଯାଇଛନ୍ତି ତାହା ଏବେବି ଅନେକଙ୍କ ପାଇଁ ଉଦାହରଣ ହୋଇ ରହିବ । ବାସ୍ତବରେ ତାଙ୍କର ଶିକ୍ଷାଦାନ ଶୈଳୀ ଥିଲା ଅନନ୍ୟ ଓ ଅସାଧାରଣ । କୁନି କୁନି ପିଲାମାନଙ୍କୁ କୋଳେଇ ନେଇ,ତାଙ୍କ ମନକୁ ମନେଇ, ପାଠ ପଢେଇବାର ଭିନ୍ନ ଭିନ୍ନ କୌଶଳ ଆପଣେଇବାରେ ସେ ବେଶ୍ ସିଦ୍ଧହସ୍ତ ଥିଲେ । ତାଙ୍କ ହାତଗଢା ଅନେକ ବିଦ୍ୟାର୍ଥୀ ଆଜି ସମାଜର ବିଭିନ୍ନ ସ୍ତରରେ ପ୍ରତିଷ୍ଠିତ କରିପାରିଛନ୍ତି ଏକଥା ସର୍ବଜନବିଦିତ । ଏଥି ସହିତ ଏ ଅଞ୍ଚଳରେ ଅନେକ ଶିକ୍ଷାନୁଷ୍ଠାନ ଗଢିବାରେ ତାଙ୍କର ଅବଦାନକୁ ଭୁଲି ହେବନାହିଁ

ମୋ ସହର

୫ ମାସ ହେଲା ମଧ୍ୟାହ୍ନ ଭୋଜନ ଅର୍ଥ ମିଳିନି : ଦୋକାନୀ ବାକି ନଦେବାରୁ ଶିକ୍ଷକ ହଟହଟା

ସାଲେପୁର, (ପି.ଏନ): ନିଶ୍ଚିନ୍ତକୋଇଲି ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନରେ ଥିବା ବିଦ୍ୟାଳୟ ଗୁଡିକୁ ବିଗତ ୫ ମାସ ହେବ ମଧ୍ୟାହ୍ନ ଭୋଜନ ପରିଚାଳନା ଅର୍ଥ ମିଳିନାହିଁ । ଯାହାଦ୍ୱାରା ବର୍ତମାନ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ପାଇଁ ଆବଶକୀୟ ରାସନ ସାମଗ୍ରୀ, ପନିପରିବା ଦୋକାନୀମାନେ ବାକି ଦେବାକୁ ମନା କରିଦେଲେଣି । ଫଳରେ ଅନେକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମର ସୁପରିଚାଳନା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପ୍ରଥମେ ବିଦ୍ୟାଳୟରେ ଶିକ୍ଷକମାନେ ଦୋକାନୀମାନଙ୍କ ଠାରୁ ବାକିରେ ଜିନିଷପତ୍ର ଆଣି ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ କରିଥାଆନ୍ତି । ଯେଉଁ ବିଦ୍ୟାଳୟ ଗୁଡିକରେ ସ୍ୱୟଂ ସହାୟିକା ଗୋଷ୍ଠୀ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି ସେମାନେ ମଧ୍ୟ ନିଜ ହାତରୁ ଅର୍ଥ ଖର୍ଚ୍ଚ କରିଥାଆନ୍ତି । ପରବର୍ତୀ ସମୟରେ ତିନି ମାସକୁ ଥରେ ବି.ଇ.ଓ. ଅଫିସ୍ ଦ୍ୱାରା ବିଲ୍ କରାଯାଇ ଅର୍ଥ ମିଳିଥାଏ । ଗତ ଅକ୍ଟୋବର ମାସଠାରୁ ଅଦ୍ୟାବଧି ମଧ୍ୟାହ୍ନ ଭୋଜନ ପାଇଁ ସରକାରଙ୍କ ପକ୍ଷରୁ କୌଣସି ଅର୍ଥ ଯୋଗାଇ ଦିଆଯାଇ ନାହିଁ । ଦୋକାନୀମାନେ ତିନି ମାସ ବାକି ଦେବା ପରେ ଚତୁର୍ଥ ମାସକୁ ଆଉ ବାକି ଦେଉନଥିବା ବହୁ ଶିକ୍ଷକ ପ୍ରକାଶ କରିଛନ୍ତି । ଦୋକାନୀ ବାକି ନଦେବାରୁ ଶିକ୍ଷକମାନେ ନିଜ ହାତରୁ ମଧ୍ୟାହ୍ନ ଭୋଜନ ପାଇଁ ଅର୍ଥ ଖର୍ଚ୍ଚ କରୁଛନ୍ତି । ନିଜ ପାଖରେ ଅର୍ଥ ନଥିବା ବେଳେ ଏହି କାର୍ଯ୍ୟକ୍ରମ ପରିଚାଳନା ପାଇଁ ଶିକ୍ଷକମାନେ ହଟହଟାର ଶୀକାର ହେଉଥିବା ଦେଖାଯାଇଛି । ଏହା ପୂର୍ବରୁ ମଧ୍ୟାହ୍ନ ଭୋଜନ ଚାଉଳ ମଧ୍ୟ ଯୋଗାଣ ଠିକାଦାର ସଠିକ୍ ଭାବେ ଯୋଗାଇ ନଥିଲେ । ଫଳରେ ବହୁ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଚାଉଳ ଶେଷ ହୋଇଯିବାରୁ ସେମାନେ ପାଖ ବିଦ୍ୟାଳୟ ଗୁଡିକରୁ ଧାର ଆଣି ମଧ୍ୟାହ୍ନଭୋଜନ କାର୍ଯ୍ୟ ଚଳାଇଥିଲେ । ଏବେ ଯୋଗାଣ ଠିକାଦାର ପରିବର୍ତନ ହୋଇଥିବାରୁ ସୋମବାର ଠାରୁ ବିଦ୍ୟାଳୟରେ ଚାଉଳ ଦେବା ଆରମ୍ଭ ହୋଇଛି । ହେଲେ ଅର୍ଥ ନଆସିବାରୁ କେତେବେଳେ ଯେ ମଧ୍ୟାହ୍ନ ଭୋଜନ ବନ୍ଦ ହୋଇଯିବ ସେନେଇ ଆଶଙ୍କା ପ୍ରକାଶ ପାଇଛି । ବିଗତ ତିନିମାସ ହେବ ବି.ଇ.ଓ. କାର୍ଯ୍ୟାଳୟରେ ମଧ୍ୟାହ୍ନ ଭୋଜନ ପରିଚାଳନା ପାଇଁ ରହିଥିବା ଡାଟା ଏଂଟ୍ରି ଅପରେଟର ଆସୁନଥିବାରୁ କାର୍ଯ୍ୟ ପରିଚାଳନାରେ ଏଭଳି ବିଭ୍ରାଟ ହୋଇଥିବା କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି ।ଏହି ବ୍ଲକ ଅଧିନରେ ଥିବା ମୋଟ ୧୨୦ଟି ବିଦ୍ୟାଳୟରେ ୧୫ ହଜାରରୁ ଉର୍ଦ୍ଧ ଛାତ୍ର ଛାତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ କରାଯାଇଥାଏ । ଏଥିନିମନ୍ତେ ଦୋକାନୀମାନେ ବିଦ୍ୟାଳୟ ଗୁଡିକୁ ହଜାର ହଜାର ଟଙ୍କା ବାକି ଦେଇସାରିଲେଣି । ଏଥିପ୍ରତି ଜିଲ୍ଲା ମଧ୍ୟାହ୍ନ ଭୋଜନ ପରିଚାଳନା ନୋଡାଲ ଅଫିସର ତଥା ଜିଲ୍ଲା ଶିକ୍ଷାଅଧିକାରୀ ଦୃଷ୍ଟି ଦେଇ ତୁରନ୍ତ ମଧ୍ୟାହ୍ନ ଭୋଜନ ଅର୍ଥ ଯୋଗାଇ ଦେବାକୁ ଦାବି ହୋଇଛି ।

ଗୋବିନ୍ଦପୁର ନୋଡାଲ ଉଚ୍ଚ ପ୍ରାଥମିକ ସ୍କୁଲର ବାର୍ଷିକ ଉତ୍ସବ

ଭଦ୍ରକ, (ପି.ଏନ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଗୋବିନ୍ଦପୁର ନୋଡାଲ ଉଚ୍ଚ ପ୍ରାଥମିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଶିକ୍ଷକ ଦୁଃଶାସନ ମହାକୁଡ଼ଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ମଧୁସୂଦନ ସେଣ୍ଠ, ମୁଖ୍ୟବକ୍ତା ଭାବେ ସରପ କ୍ଷୀରାବ୍ଧୀ ତନୟା ମଲିକ, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ କୈଳାସ ଚନ୍ଦ୍ର ମାଝୀ, ଗୋବିନ୍ଦପୁର କ୍ଲଷ୍ଟର ସିଆରସିସି ରାମପ୍ରସାଦ ବାରିକ, ତିଆଡ଼ିସାହି କ୍ଲଷ୍ଟର ସିଆରସିସି ସରୋଜ ଓଝା, ମୋ ସ୍କୁଲ ଅଭିଯାନ ସଭାପତି ବୈଲୋଚନ ପାତ୍ର, ସ୍କୁଲ ପରିଚାଳନା କମିଟି ସାପତି ନରହରି ମହାରଣା ଯୋଗ ଦେଇ ପିଲାମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ପାଇଁ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକମାନେ ଯତ୍ନବାନ ହେବା ଉଚିତ୍ ବୋଲି କହିଥିଲେ । ସ୍କୁଲର ପ୍ରଧାନ ଶିକ୍ଷକ କୃଷ୍ଣ ଚନ୍ଦ୍ର ମାଝୀ ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷକ ଅଶୋକ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବାର୍ଷିକ ଉତ୍ସବରେ ସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ କମଳାକାନ୍ତ ମାଝୀ, ସୂର୍ଯ୍ୟମଣି ସାମଲ, କୈଳାସ ଚନ୍ଦ୍ର ସାହୁ ଓ ଶ୍ୟାମସୁନ୍ଦର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ଚିଟ୍ ଫଣ୍ଡ ସଂସ୍ଥାର ସମ୍ପତି ବାଜ୍ୟାପ୍ତି ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର, (ପି.ଏନ): ଚିଟ୍ ଫଣ୍ଡ ସଂସ୍ଥାର ସମ୍ପତି ବାଜ୍ୟାପ୍ତି ପାଇଁ ନିର୍ଦ୍ଦେଶ ଦେଇଛନ୍ତି ସ୍ୱତନ୍ତ୍ର ଚିଟ୍ ଫଣ୍ଡ କୋର୍ଟ । ଶ୍ରୀଭୂମି ଚିଟ୍ ଫଣ୍ଡ ସଂସ୍ଥାର ଖୋର୍ଦ୍ଧା ଜିଲ୍ଲାରେ ଥିବା ୨୪ ଏକରରୁ ଉର୍ଦ୍ଧ୍ୱ ଜମି ବାଜ୍ୟାପ୍ତି ନିର୍ଦ୍ଦେଶ ଦିଆଯାଇଛି । ବାଜ୍ୟାପ୍ତି ଜମି ବିକ୍ରି କରି କ୍ଷତିଗ୍ରସ୍ତ ଜମାକାରୀଙ୍କୁ ବଂଟନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସମ୍ପତି ବାଜ୍ୟାପ୍ତି ଓ ବିକ୍ରି ଲାଗି କଟକ ସ୍ୱତନ୍ତ୍ର ଚିଟ୍ ଫଣ୍ଡ କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବରୁ ୨୦୧୭ରେ ସଂସ୍ଥାର ୪୬ ଏକର ଜମି ବାଜ୍ୟାପ୍ତି ଓ ବିକ୍ରି ନିର୍ଦ୍ଦେଶ ଦେଇଥିଲେ ।

ସମ୍ବଲପୁର ସ୍କୁଲ ବିଦ୍ୟାର୍ଥୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଲିଖିତ ପୁସ୍ତକ ''ଏଗଜାମ୍ ୱାରିୟର୍ସ ବଂଟନ

ସମ୍ବଲପୁର, (ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲିଖିତ "ଏଗଜାମ ୱାରିୟର୍ସ" ପୁସ୍ତକ ଆଜି ସମ୍ବଲପୁର ଜିଲ୍ଲାର ବିଭିନ୍ନ ସରକାରୀ ଓ ବେସରକାରୀ ସ୍କୁଲ ଛାତ୍ରଛାତ୍ରୀଙ୍କୁ ବଂଟନ କରାଯାଇଛି । ଏହି ପୁସ୍ତକ ପାଇବା ପରେ ଛାତ୍ରଛାତ୍ରୀମାନେ ଖୁସିବ୍ୟକ୍ତ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏଥିପାଇଁ କୃତଜ୍ଞତା ଜଣାଇଛନ୍ତି । ପରୀକ୍ଷା ସମୟରେ ପିଲା ଓ ସେମାନଙ୍କ ଅଭିଭାବକଙ୍କ ଉପରେ ଥିବା ଚାପକୁ କମାଇବା ଏବଂ ପରୀକ୍ଷାକୁ ନେଇ ଥିବା ଭୟ ଦୂର କରିବା ସହ ବିଭିନ୍ନ ଉପାଦେୟ କଥା "ଏଗଜାମ ୱାରିୟର୍ସ" ପୁସ୍ତକରେ ସଠିକ୍ ଭାବେ ବର୍ଣ୍ଣନା କରାଯାଇଛି ।ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ'' ପରୀକ୍ଷା ସମୟରେ କୌଣସି ଭୟ ବା ଚାପର ବଶବର୍ତୀ ହେବା ଅନୁଚିତ୍ । ପରୀକ୍ଷାକୁ ଏକ ବୋଝ ଭାବେ ନୁହେଁ ବରଂ ଉତ୍ସବ ଭାବେ ଦେଖିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପିଲା ମାନଙ୍କୁ ପରାମର୍ଶ ଦେଇଛନ୍ତି । "ଏଗଜାମ ୱାରିୟର୍ସ" ପୁସ୍ତକରେ ଥିବା ନାନା ଉପାଦେୟ କଥା ଛାତ୍ରଛାତ୍ରୀଙ୍କ ଜୀବନର ପ୍ରତି ପରୀକ୍ଷାରେ କାମ ଦେବ । ସଫଳତା ପାଇଁ ଉଭୟ ମନ ଓ ଶରୀରକୁ ସୁସ୍ଥ ରଖିବା ଜରୁରୀ । ଏହା ପିଲା ମାନଙ୍କର ଆତ୍ମବିଶ୍ୱାସକୁ ବଢ଼ାଇବ । ଜାତୀୟ ଶିକ୍ଷା ନୀତି - ୨୦୨୦ରେ ବୈଶ୍ୱିକ ନାଗରିକ ପ୍ରସ୍ତୁତ କରିବା ପାଇଁ ପ୍ରାଧାନ୍ୟ ଦିଆଯାଉଛି, ଯେଉଁମାନେ ଭାରତୀୟ ମୂଲ୍ୟବୋଧ "ବସୁଧୈବ କୁଟୁମ୍ବକମ" ଆଧାରରେ ମାନବତାର କଲ୍ୟାଣ ପାଇଁ ପ୍ରତିଜ୍ଞାବଦ୍ଧ ରହିବେ । ୨୦୩୬ ମସିହାକୁ ଓଡ଼ିଶା ଭାଷାଭିତିକ ରାଜ୍ୟ ଭାବେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ । ସେହିପରି ଆମ ଦେଶ ଭାରତ ୨୦୪୭ରେ ସ୍ୱାଧୀନତାର ୧୦୦ ବର୍ଷ ପୂରଣ କରିବ । ଏହି ସମୟ ମଧ୍ୟରେ ଭାରତକୁ ଏକ ବିକଶିତ ରାଷ୍ଟ୍ର ଭାବରେ ଗଢ଼ି ତୋଳିବା ପାଇଁ ପ୍ରଧାନମନ୍ତ୍ରୀଙ୍କର ପରିକଳ୍ପନା ରହିଛି । ଏଥିପାଇଁ ଏହି କାଳଖଣ୍ଡରେ ଛାତ୍ରଛାତ୍ରୀଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ରାଷ୍ଟ୍ର ନିର୍ମାଣରେ ସକାରାତ୍ମକ ସହଭାଗିତା ପାଇଁ ଆହ୍ୱାନ ଦେବା ସହ ଏକ ଉଜ୍ଜ୍ୱଳ ଓ ସଫଳ ଭବିଷ୍ୟତ ପାଇଁ ଛାତ୍ରଛାତ୍ରୀ ମାନଙ୍କୁ କେନ୍ଦ୍ରମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି ବୋଲି ବେଜେପି କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ସୂଚନା ଦେଇଛନ୍ତି ।

ନବ ଦାସ ହତ୍ୟା ମାମଲା : ଆସନ୍ତା ୨୮ତାରିଖରେ ବିଧାନସଭା ଘେରିବ ଯୁବମୋର୍ଚ୍ଚା

ଭୁବନେଶ୍ୱର,(ପି.ଏନ):ଓଡ଼ିଶାର ଯୁବକଙ୍କ ସୁରକ୍ଷା, ନବ ଦାସ ହତ୍ୟାର ସଠିକ୍ ତଦନ୍ତ, ଷଡଯନ୍ତକାରୀଙ୍କୁ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବୀରେ ଭାରତୀୟ ଜନତା ଯୁବମୋର୍ଚ୍ଚା ଆସନ୍ତା ୨୮ତାରିଖରେ ବିଧାନସଭା ଘେରାଉ କରିବ । ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାସିସ୍ ଆଚାର୍ଯ୍ୟରୁବୁବାର ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ।ସେ କହିଛନ୍ତି ଗତକାଲି ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ବିବୃତି ଓଡ଼ିଶାର ଯୁବକମାନଙ୍କୁ ଦୁଃଖିତ ଓ ମର୍ମାହତ କରିଛି । ୨୩ ବର୍ଷ ଶାସନ କାଳରେ ଓଡିଶାରେ ଯୁବପୀଢ଼ି ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି । ଏନେଇ ଯୁବକମାନେ ରାଜ୍ୟ ଛାଡି ଅନ୍ୟ ରାଜ୍ୟକୁ ପଳାୟନ କରୁଛନ୍ତି । ଓଡ଼ିଶାରେ ଜଣେ କ୍ୟାବିନେଟ୍ ମନ୍ତ୍ରୀ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ଜଣେ ସୁରକ୍ଷାକର୍ମୀ ଦିବାଲୋକରେ ଗୁଳିକରି ହତ୍ୟାକଲେ । ଯଦି ରାଜ୍ୟରେ ପ୍ରଭାବଶାଳୀ ମନ୍ତ୍ରୀଙ୍କୁ ରାଜ୍ୟ ସରକାର ସୁରକ୍ଷା ଦେବାର ବିଫଳ ସେଠି ସାଧାରଣ ଜନତାଙ୍କ କଥା ନକହିବା ଭଲ।ଆଜି ରାଜ୍ୟ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀରେଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ, ରାଜ୍ୟ ସରକାର ସ୍ୱର୍ଗତଃ ଦାସଙ୍କ ହତ୍ୟାର ତଦନ୍ତ ସଠିକ୍ ଢଙ୍ଗରେ କରୁନାହାନ୍ତି । ନବ ଦାସଙ୍କ ମୃତ୍ୟୁର ୨୬ଦିନ ବିତି ଯାଇଥିଲେ ବି ହତ୍ୟା ପଛର ଷଡଯନ୍ତକାରୀଙ୍କୁ ଧରିବାରେ ବିଫଳ ରାଜ୍ୟ ସରକାର । ସ୍ୱର୍ଗତଃ ଦାସଙ୍କ ହତ୍ୟାର ସମସ୍ତ ତଥ୍ୟକୁ ଲୁଚାଇ ଓଡିଶାବାସୀଙ୍କୁ ଭୂଆଁ ବୁଲାଇବାର ଷଡଯନ୍ତ କରୁଛନ୍ତି ରାଜ୍ୟ ସରକାର । ବିଧାନସଭା ଆରମ୍ଭ ଦିନ ହତ୍ୟାକାରୀ ଗୋପାଳ ଦାସର ନୂଆ ଏଡିଟିଙ୍ଗ ଭିଡିଓ ସୋସିଆଲ ମିଡିଆରେ ଛାଡିବାର ରହସ୍ୟ କ'ଣ ? ଅଭିଯୁକ୍ତ ଗୋପାଳଙ୍କ ଆଉ କିଛି ଭିଡିଓ ଅଛି କି ବୋଲି ଶ୍ରୀ ଆଚାର୍ଯ୍ୟ ପ୍ରଶ୍ନ କରିଛନ୍ତି ।ରାଜ୍ୟ ସରକାର କ'ଣ ପାଇଁ ଯୁବକ ଓ ଜନତାଙ୍କୁ ସତ ଲୁଚାଉଛନ୍ତି । ସ୍ୱର୍ଗତଃ ଦାସଙ୍କ ହତ୍ୟାର କାରଣ ଲୁଚାଯାଇ ଓଡ଼ିଶାର ଲୋକଙ୍କୁ ଅନ୍ଧାରରେ ରଖାଯାଉଛି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି । ଭାରତୀୟ ଜନତା ପାର୍ଟିର ବିଧାୟକମାନେ ସ୍ୱର୍ଗତଃ ଦାସଙ୍କ ହତ୍ୟାର କିଭଳି ସଠିକ୍ ତଦନ୍ତ ହେବ ସେନେଇ ବିଧାନସଭାରେ ସ୍ୱର ଉଠାଇ ପ୍ରତିବାଦ କରୁଛନ୍ତି । ଯଦି ରାଜ୍ୟ ସରକାର ସ୍ୱର୍ଗତଃ ଦାସଙ୍କ ହତ୍ୟାର ତଦନ୍ତ ସଠିକ୍ ନକରନ୍ତି ତାହାଲେ ଆଗାମୀ ଦିନରେ ଯୁବମୋର୍ଚ୍ଚା ତୀବ୍ରତର ଆନ୍ଦୋଳନ କରିବ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ବିଶ୍ୱଜିତ୍ ଷଡଙ୍ଗୀ, ରାଜ୍ୟ ସାଧାରଣ ସଂପାଦକ ଦୀପକ୍ ଗୋଛାୟତ, ରାଜ୍ୟ ସମ୍ପାଦକ ପ୍ରୀତେଶ ବହିଦାର, ବିକ୍ରମ ବିଶ୍ୱାଳ, ଯୁବମୋର୍ଚ୍ଚା ଗଣମାଧ୍ୟମ ସଂଯୋଜକ ଅଭିଜିତ୍ ମିଶ୍ର, ସ୍ପରଜିତ୍ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

ଟୋକନ୍ ଧରି ବସିଛନ୍ତି ଚାଷୀ, ଧାନକିଣା ଟାର୍ଗେଟ୍ ନାହିଁ

ସାଲେପୁର, (ପି.ଏନ): ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ ମୋଟ ୧୫ ଗୋଟି ଧାନ ମଣ୍ଡି ଖୋଲାଯାଇ ଚାଷୀମାନଙ୍କଠାରୁ ଧାନ କିଣା ଚାଲିଛି । ପ୍ରଥମ ପର୍ଯ୍ୟାୟରେ ମଣ୍ଡି ଗୁଡିକୁ ସରକାରଙ୍କ ପକ୍ଷରୁ ଧାନ କିଣିବା ପାଇଁ ଯେତିକି ଟାର୍ଗେଟ୍ ଦିଆଯାଇଥିଲା ତାହା ଏବେ ଶେଷ ହେବାକୁ ଲାଗିଲାଣି । ୧୫ ଟି ମଣ୍ଡି ମଧ୍ୟରୁ ୧୦ ଟି ମଣ୍ଡିରେ ଟାର୍ଗେଟ୍ ଶେଷ ହୋଇଥିଲା ବେଳେ ଅନ୍ୟ ୫ଟି ମଣ୍ଡିରେ ଆଉ କମ୍ ପରିମାଣରେ ଟାର୍ଗେଟ୍ ରହିଥିବା ଜଣାଯାଇଛି । ବହୁ ଚାଷୀ ଧାନ ବିକ୍ରି କରିବା ପାଇଁ ଟୋକନ୍ ପାଇଥିଲେ ମଧ୍ୟ ଟାର୍ଗେଟ୍ ନଥିବାରୁ ସେମାନେ ମଣ୍ଡିରେ ଧାନ ବିକ୍ରି କରିନପାରି ମାନସିକ ଦୁଃଶ୍ଚିନ୍ତାରେ ପଡିଛନ୍ତି । ଟାର୍ଗେଟ୍ ଶେଷ ହେଲେ କାଳେ ମଣ୍ଡି ବନ୍ଦ ହୋଇଯିବ ସେନେଇ ଆଶଙ୍କା ପ୍ରକାଶ କରି ଚାଷୀମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଯାଇଛି । ଅଭାବୀ ଧାନ ବିକ୍ରିକୁ ଏଡାଇବା ପାଇଁ ଏହି ବ୍ଲକ ଅଂଚଳରେ ଧାନ ବିକ୍ରି କରିପାରିନଥିବା ୩୧୦୧ ଚାଷୀଙ୍କ ପାଇଁ ୮୧ ହଜାର ୬୦୦ କୁଇଣ୍ଟାଲ ଧାନ ଟାର୍ଗେଟ୍ ଆସିଲେ ସବୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ମଣ୍ଡି ଦାୟିତ୍ୱରେ ଥିବା ସମବାୟ ସମିତିର ସଂପାଦକମାନେ ପ୍ରକାଶ କରିଛନ୍ତି ।ଅପରପକ୍ଷରେ ସରକାରଙ୍କ ପକ୍ଷରୁ ମଣ୍ଡିଗୁଡିକୁ ତୁରନ୍ତ ଟାର୍ଗେଟ୍ ଯୋଗାଇ ଦେବା ପାଇଁ ଦାବି କରାଯାଇଛି । ଏହି ବ୍ଲକରେ ଚଳିତ ବର୍ଷ ଧାନ ବିକ୍ରି କରିବା ପାଇଁ ଖୋଲାଯାଇଥିବା ମୋଟ ୧୫ ଟି ମଣ୍ଡିରେ ୬୪୬୪ ଚାଷୀ ଅନ୍ ଲାଇନ୍ ମାଧ୍ୟମରେ ନାମ ପଞ୍ଜିକୃତ କରିଥିଲେ । ସେମାନଙ୍କ ମଧ୍ୟରୁ ୩୩୬୩ ଚାଷୀ ଅଦ୍ୟାବଧି ୧ ଲକ୍ଷ ୫ ହଜାର ୩୮୩ କୁଇଂଟାଲ ଧାନ ବିକ୍ରି କରିଛନ୍ତି । ଅବଶିଷ୍ଟ ୩୧୦୧ ଜଣ ଚାଷୀ ଧାନ ବିକ୍ରି କରିପାରିନଥିବା ବେଳେ ସେଥିମଧ୍ୟରୁ ଗତ ଜାନୁୟାରୀ ମାସରୁ ବହୁ ଚାଷୀ ଟୋକନ ଧରି ବସି ରହିଥିବା ଜଣାଯାଇଛି । ବାକି ରହିଥିବା ଏହି ଚାଷୀମାନେ ୮୧ ହଜାର ୬୦୦ କୁଇଂଟାଲ ଧାନ ବିକ୍ରି କରିବା ପାଇଁ ମଣ୍ଡି ପକ୍ଷରୁ ଲକ୍ଷଧାର୍ଯ୍ୟ କରାଯାଇଛି । ନିଶ୍ଚିନ୍ତକୋଇଲି ମଣ୍ଡି ପକ୍ଷରୁ ୨୪୧ ଜଣ ଚାଷୀ ପାଇଁ ୫ ହଜାର କୁଇଂଟାଲ ଟାର୍ଗେଟ୍ ଆବଶ୍ୟକ ଥିବା ବେଳେ ପଲ୍ଲୀଶ୍ରୀ ସମିତିରେ ୧୮୬ ଚାଷୀ ପାଇଁ ୪ ହଜାର କୁଇଣ୍ଟାଲ, ନରେନ୍ଦ୍ରପୁର ମଣ୍ଡିରେ ୧୮୬ ଚାଷୀ ପାଇଁ ୨ ହଜାର କୁଇଂଟାଲ, ବାଲିଆପଦା ମଣ୍ଡିରେ ୧୪୫ ଚାଷୀ ପାଇଁ ୩ ହଜାର କୁଇଂଟାଲ, କେନ୍ଦୁପାଟଣା ମଣ୍ଡିରେ ୨୫୨ ଚାଷୀ ପାଇଁ ୭ ହଜାର କୁଇଂଟାଲ, ଓରଡି ମଣ୍ଡିରେ ୩୦୯ ଚାଷୀଙ୍କ ପାଇଁ ୫ ହଜାର କୁଇଂଟାଲ, ନଗସପୁର ମଣ୍ଡିରେ ୧୧୯ ଚାଷୀ ପାଇଁ ୨୧୦୦ କୁଇଂଟାଲ, ଅସୁରେଶ୍ୱର ମଣ୍ଡିରେ ୨୦୨ ପାଇଁ ୫ ହଜାର କୁଇଂଟାଲ, ବଳଦେବଜୀଉ ମଣ୍ଡିରେ ୭୩ ଚାଷୀ ପାଇଁ ୧ ହଜାର କୁଇଂଟାଲ, ସୁକରପଡା ମଣ୍ଡିରେ ୨୨୫ ଜଣ ଚାଷୀଙ୍କ ପାଇଁ ୯ ହଜାର କୁଇଂଟାଲ, କଳମିଶ୍ରି ମଣ୍ଡିରେ ୧୪୩ ଚାଷୀ ପାଇଁ ୫୫୦୦ କୁଇଂଟାଲ, ବନ୍ଧକାଟିଆ ମଣ୍ଡିରେ ୩୪୦ ଚାଷୀଙ୍କ ପାଇଁ ୧୦ ହଜାର କୁଇଂଟାଲ, ଅଚ୍ୟୁତାନନ୍ଦ ମଣ୍ଡିରେ ୨୫୦ ଚାଷୀଙ୍କ ପାଇଁ ୭୫୦୦ କୁଇଂଟାଲ, ଶିର୍ଲୋ ମଣ୍ଡିରେ ୩୨୬ ଚାଷୀଙ୍କ ପାଇଁ ୧୦ ହଜାର ୫୦୦ କୁଇଂଟାଲ, ଉତରକୂଳ ମଣ୍ଡିରେ ୨୬୬ ଚାଷୀ ପାଇଁ ୫ ହଜାର କୁଇଂଟାଲ ଟାର୍ଗେଟ୍ ଆବଶ୍ୟକ ରହିଛି । ସମବାୟ ସମିତିର ସଂପାଦକମାନେ ଚାଷୀମାନଙ୍କଠାରୁ ସଠିକ୍ ସମୟରେ ଧାନ କିଣି ପାରୁନଥିବାରୁ ଅନେକ ସମୟରେ ଟୋକନ୍ ପାଇଥିବା ଚାଷୀମାନେ ଆସି ସେମାନଙ୍କ ସହିତ କଳିଝଗଡା କରୁଥିବା ଦେଖିବାକୁ ମିଳୁଛି । ସରକାର ଚାଷୀମାନଙ୍କର ସୁବିଧା ପାଇଁ ଆବଶ୍ୟକ ମୁତାବକ ଧାନ କିଣା ଟାର୍ଗେଟ୍ ଯୋଗାଇ ଦେଲେ ସମସ୍ତ ସମସ୍ୟାର ସମାଧାନ ହୋଇପାରନ୍ତା ବୋଲି ଚାଷୀ ମହଲରେ ଦାବି ହୋଇଛି ।

ଭଦ୍ରକରେ ଶ୍ରୀରାମକୃଷ୍ଣ ଜୟନ୍ତୀ ପାଳିତ

ଭଦ୍ରକ, (ପି.ଏନ): ଶ୍ରୀରାମକୃଷ୍ଣ ପରମହଂସଙ୍କ ଜୀବନ ହେଉଛି ଭାରତ ବର୍ଷର ପା ହଜାର ବର୍ଷର ସଂକ୍ଷିପ୍ତ ଇତିହାସ । ଭାରତ ବର୍ଷର ଅନ୍ତରାତ୍ମା ତିନୋଟି ବଳିଷ୍ଠ ସ୍ତମ୍ଭ ଉପରେ ପ୍ରତିଷ୍ଠିତ - ସଂହତି, ସମନ୍ୱୟ ଓ ସଦ୍‌ଭାବନା । ଶ୍ରୀରାମୃଷ୍ଣ ତାଙ୍କ ଜୀବନକାଳରେ ଏହାର ଭୂୟସୀ ଦୃଷ୍ଟାନ୍ତ ଦେଇ ଯାଇଛନ୍ତି । ତାଙ୍କର ବିଖ୍ୟାତ ଉକ୍ତି -ଯେତେ ମତ , ସେତେ ପଥ ଏହାର ଉତ୍କୃଷ୍ଟ ଉଦାହରଣ । ଶ୍ରୀରାମକୃଷ୍ଣ ଥିଲେ ଜଣେ କାଳୀ ମନ୍ଦିରର ନୈଷ୍ଠିକ ପୂଜାରୀ । ଅଥଚ ନିଜ ଜୀବନକାଳରେ ତନ୍ତ୍ରସାଧନା ଏବଂ ନିର୍ବିକଳ୍

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK पर्यवेक्षक

Bhubaneswar Saturday February 25, 2023 ଭୁବନେଶ୍ୱର ଶନିବାର, ଫେବୃଆରୀ ୨୫,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮

ଇଫକୋ ପରିସରରେ ମଣ୍ଡଳ ସ୍ତରୀୟ କର୍ମଶାଳା

ପାରାଦୀପ,(ପି.ଏନ): ଇଫକୋ ପାରାଦୀପ ୟୁନିଟ୍ ପରିସରରେ ଫ୍ୟାକ୍ଟ୍ରି ଆଣ୍ଡ ବୟଲର,କଟକ ଡିଭିଜନ ପକ୍ଷରୁ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି । କଟକ,ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଫ୍ୟାକ୍ଟ୍ରିମାନଙ୍କରେ କାମ କରୁଥିବା ଶ୍ରମିକ,କର୍ମଚାରୀମାନଙ୍କୁ ପ୍ରଦୂଷଣମୁକ୍ତ ଓ ଦୁର୍ଘଟଣା ବିହୀନ କାର୍ଯ୍ୟ କରିବା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା । ଏହି ଶିବରରେ ପ୍ରାୟ ୨୦୦ରୁ ଅଧିକ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇ ପ୍ରଶିକ୍ଷଣ ଲାଭ କରିଥିଲେ । କର୍ମକ୍ଷେତ୍ରକୁ କିଭଳି ଦୁର୍ଘଟଣାମୁକ୍ତ କରାଯିବ ଏହି କର୍ମଶାଳାର ମୁଖ୍ୟ ଲକ୍ଷ୍ୟ ରହିଥିଲା । ଏହି କର୍ମଶାଳାରେ ଫ୍ୟାକ୍ଟ୍ରି ଆଣ୍ଡ ବୟଲର,କଟକ ଡିଭିଜନର ଉପ ନିର୍ଦ୍ଦେଶକ ମନୋଜ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଫ୍ୟାକ୍ଟ୍ରି ଆଣ୍ଡ ବୟଲର,କଟକ ଡିଭିଜନର ସହକାରୀ ନିର୍ଦ୍ଦେଶକ ଚିତ୍ତ ରଂଜନ ବେଉରା, ଇଫକୋ ପାରାଦୀପ ୟୁନିଟ ର ମୁଖ୍ୟ ତଥା ନିର୍ଦ୍ଦେଶକ କେ.ଜେ.ପଟେଲ, ପିପିଏଲ୍ ର ୟୁନିଟ ହେଡ୍ ପ୍ରଣବ ଭଟ୍ଟାଚାର୍ଯ୍ୟ, ଆଇଓସିଏଲ୍ ର ୟୁନିଟ୍ ହେଡ୍ ମୁକେଶ ମୋହନଙ୍କ ସମେତ ବିଭିନ୍ନ ଶିଳ୍ପସଂସ୍ଥାର ମୁଖ୍ୟମାନେ ଯୋଗ ଦେଇଥିଲେ ବୋଲି ଇଫକୋ ପାରାଦୀପ ୟୁନିଟ୍‌ର ପ୍ରଶାସନିକ ଅଧିକାରୀ ତଥା ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ସୂଚନା ଦେଇଛନ୍ତି ।

ଦୁର୍ଘଟଣାରେ ଜନାର୍ଦ୍ଦନ ଟ୍ରଷ୍ଟ ସଭାପତି ମୃତ

ଫୁଲନଖରା,(ପି.ଏନ): ସଦର ଥାନା ଅନ୍ତର୍ଗତ ଅରିଲୋ ଗ୍ରାମର ହୃଷିକେଶ ନନ୍ଦ (୬୯) ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି । ସେ ବାଇକରେ ଫୁଲନଖରାରୁ ଘରକୁ ଫେରୁଥିଲାବେଳେ ଫୁଲନଖରା-ନିଆଳି ରାସ୍ତାର ଅନନ୍ତପୁରଠାରେ ଏକ ମହିନ୍ଦ୍ରା ଟ୍ରକ ତାଙ୍କୁ ଧକ୍କା ଦେଇ ପଳାଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ସେ ଅରିଲୋ ମୌଜାସ୍ଥିତ ଜନାର୍ଦ୍ଦନଦେବ ପରିଚାଳନା କମିଟିର ମ୍ୟାନେଜିଙ୍ଗ ଟ୍ରଷ୍ଟି ଭାବରେ ସୁଚାରୁରୂପେ କାର୍ଯ୍ୟ କରୁଥିଲେ । ଏହି ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଛନ୍ତି । ଗ୍ରାମ୍ୟ ଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା । କିଛି ଦିନ ପରେ ପ୍ରସିଦ୍ଧ ଅରିଲୋ ମେଳଣ ହେବାକୁ ଥିଲାବେଳେ ଏପରି ଦୁଃଖଦ ଘଟଣା ମେଳଣ କମିଟି କର୍ମକର୍ତ୍ତା ଓ ସଦସ୍ୟଙ୍କୁ ଗଭୀର ମର୍ମାହତ କରିଛି ।

ଓଡିଶାରେ ପ୍ରଥମ ରୋବୋଟିକ୍ ଆଣ୍ଠୁ ପ୍ରତିରୋପଣ ଅସ୍ତ୍ରୋପଚାର

ଭୁବନେଶ୍ୱର,(ପି.ଏନ): ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଓଡିଶା ଆଉଏକ ମାଇଲ ଖୁଣ୍ଟ ଅତିକ୍ରମ କରିଛି । ଆଜି ଓଡିଶାରେ ପ୍ରଥମ କରି ରୋବୋଟିକ୍ ମେସିନ ସାହାର୍ଯ୍ୟରେ ଆଣ୍ଠୁ ପ୍ରତିରୋପଣ ଅସ୍ତ୍ରୋପଚାର କରାଯାଇଛି । ଭୁବନେଶ୍ୱରର ଆମ୍ରି ହସ୍ପିଟାଲରେ ଦୁଇ ଜଣ ବୟସ୍କ ମହିଳା ଓ ଜଣେ ପୁରୁଷଙ୍କର ରୋବୋଟିକ୍ ଆଣ୍ଠୁ ପ୍ରତିରୋପଣ ଅସ୍ତ୍ରୋପଚାର ହୋଇଛି । ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ସୁନୀଲ ଦାଶଙ୍କ ନେତୃତ୍ୱରେ ସଫଳତାର ସହ ଏହି ଅସ୍ତ୍ରୋପଚାର କରାଯାଇଥିଲା । ଏଥିରେ ତାଙ୍କ ତିନି ଜଣିଆ ଡାକ୍ତରୀ ଟିମ ସହଯୋଗ କରିଥିଲେ । ଅସ୍ତ୍ରୋପଚାର ପରେ ସମସ୍ତ ତିନି ଜଣ ରୋଗୀ ସୁସ୍ଥ ଅନୁଭବ କରିବା ସହିତ ଚଲାବୁଲା କରିଛନ୍ତି । ଡ. ସୁନୀଲ ଦାଶ କହିଛନ୍ତି ଯେ ଓଡିଶାରେ ପ୍ରଥମ କରି ଆମେ ଆମ୍ରି ହସ୍ପିଟାଲରେ ରୋବୋଟିକସ୍ ସାହାଯ୍ୟରେ ସମସ୍ତ ପ୍ରକାର ଆଣ୍ଠୁ ପ୍ରତିରୋପଣ ସଫଳତାର ସହ ଆରମ୍ଭ କରିଛୁ । ମୋର ଆଶା ଯେତେ ଜଟିଳ ଆଣ୍ଠୁ ସମସ୍ୟା ଜନିତ ରୋଗ ରହିଥିଲେ ମଧ୍ୟ ତାହା ରୋବୋଟିକ୍ ମେସିନ ଦ୍ୱାରା ସହଜ ଓ କମ୍ କଷ୍ଟରେ ନିରାକରଣ କରିହେବ । ଆଣ୍ଠୁ ଜନିତ ବିଭିନ୍ନ ସମସ୍ୟାରେ ପ୍ରଭାବିତ ହେଉଥିବା ରୋଗୀମାନଙ୍କୁ ରୋବୋଟିକ୍ ମେସିନ ଅତି ସହଜରେ ଆଣ୍ଠୁ ପ୍ରତିରୋପଣ ଅସ୍ତ୍ରୋପଚାର କରି ପାରିବ । ଅତ୍ୟାଧୁନିକ ପ୍ରଣାଳୀରେ ନିର୍ମିତ ଏହି ମେସିନରେ ବାହୁ ଓ ହ୍ୟାଣ୍ଡ ରହିଛି ଯାହା ନଷ୍ଟ ହୋଇଯାଇଥିବା ଟିସ୍ୟୁକୁ ଅତି ସହଜରେ ବାହାର କରି କୃତ୍ରିମ ଖା ସହିତ ଯୋଡିଥାନ୍ତି । ରୋଗୀ କମ୍ ଯନ୍ତ୍ରଣା ଅନୁଭବ କରନ୍ତି ଓ କ୍ଷତ ଶୀଘ୍ର ସୁଖିବା ସହିତ କମ୍ ଦିନରେ ଚଳପ୍ରଚଳ କରି ପାରନ୍ତି । ଏହି ମେସିନ ଦ୍ୱାରା କୌଣସି ଆଘାତ, ଲିଗାମେଂଟ, କାର୍ଟିଲେଜ, ମାଂସପେଶୀ ଓ ସ୍ନାୟୁ ଜନିତ ସମସ୍ୟା ଏବଂ ଆଘାତ ପରେ ଫେମୁରରେ ବିକୃତି, ଜଟିଳ ଅବକ୍ଷୟ, ପୂର୍ବ ଅସ୍ତ୍ରୋପଚାରରୁ ହାର୍ଡୱୟାର, ଲିଗାମେଂଟ ସ୍ପେରିଂ ଅସ୍ପନ୍ ଭଳି ଜଟିଳ ସମସ୍ୟାର ସମାଧାନ ହୋଇଥାଏ ।

କଳିଙ୍ଗନଗର ସ୍ଥିତ ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲ ପକ୍ଷରୁ ''ରକ୍ତ ସଂରକ୍ଷଣ କେନ୍ଦ୍ର'ର ଶୁଭାରମ୍ଭ

ଦାନଗଦୀ ,(ପି.ଏନ): ଓଡ଼ିଶାର ଯାଜପୁର ଜିଲ୍ଲା କଳିଙ୍ଗନଗର ସ୍ଥିତ ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲ୍‌ରେ ବୁଧବାର ଏକ "ରକ୍ତ ସଂରକ୍ଷଣ କେନ୍ଦ୍ର' ଉଦ୍‌ଘାଟିତ ହୋଇଯାଇଛି । ଅସ୍ତ ?ପଚାର ସମୟରେ ଓ ପରବର୍ତୀ ସମୟର ଜରୁରୀକାଳୀନ ସ୍ଥିତିକୁ ମୁକାବିଲା କରିବା ଲାଗି ପ୍ରସ୍ତୁତ ରହିବା ଏବଂ ଦୁର୍ଘଟଣାଗ୍ରସ୍ତ ରୋଗୀ ଏବଂ ଅନ୍ୟାନ୍ୟଘାତକ ରୋଗ ପାଇଁ ସେବା ପ୍ରଦାନ କରିବାରେ ହସ୍ପିଟାଲକୁ ଏହି ସୁବିଧା ସକ୍ଷମ କରିବ ।ଏହି କେନ୍ଦ୍ରକୁ ଟାଟା ଷ୍ଟିଲ୍ କଳିଙ୍ଗନଗରର କର୍ପୋରେଟ୍ ସର୍ଭିସେସ୍ ବିଭାଗର ଚିଫ୍ ଦେବଦୁତ୍ ମହାନ୍ତି ଉଦ୍ଘାଟନ କରିଥିଲେ । ଏହି ଅବସରରେ ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲର ମେଡିକାଲ ସୁପରିଟେଣ୍ଡେଣ୍ଟ୍ ଡକ୍ଟର ସୁଧାଂଶୁ ଶେଖର ସୁତାର, ହସ୍ପିଟାଲ୍‌ର ବିଭିନ୍ନ ବିଭାଗର ବନସଲ୍‌ଟ୍ ଏବଂ ଟାଟା ଷ୍ଟିଲ୍ କଳିଙ୍ଗନଗରର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।ଏହି କେନ୍ଦ୍ର ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲ୍‌ର ରକ୍ତ ଆବଶ୍ୟକତାକୁ ପୂରଣ କରିବ ଏବଂ କଳିଙ୍ଗନଗର, ସୁକିନ୍ଦା , ଦାନଗଦିଓ ଆଖପାଖ ଅଂଚଳରୁ ଆସୁଥିବା ରୋଗୀମାନଙ୍କୁ ଏହା ସେବା ପ୍ରଦାନ କରିବ । ଏଠାରେ ଏହା ଉଲ୍ଲେଖଯୋଗ୍ୟ ଯେ ଏହି କେନ୍ଦ୍ରର ବାର୍ଷିକ କ୍ଷମତା ହେଉଛି ସମ୍ପୂର୍ଣ୍ଣ ମାନବ ରକ୍ତ ଆଇପିତ ୨୦୦୦ୟୁନିଟ୍ ସଂରକ୍ଷଣ, ଯାହାକୁ ଓଡ଼ିଶାର ଡ୍ରଗସ୍ ଆଣ୍ଡ କଂଟ୍ରୋଲ ଡାଇରେକ୍ଟରେଟ୍‌ର ଙ୍କ ଅନୁମୋଦନ ମିଳିଛି ଏବଂ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଓଡ଼ିଶା ରକ୍ତ କେନ୍ଦ୍ର ଅଧୀନରେ ଏହା ପରିଚାଳିତ ହେବ । ଅଭିଜ୍ଞ ତଥା ଯୋଗ୍ୟ ବ୍ଲଡ୍ ବ୍ୟାଙ୍କ ମେଡିକାଲ୍ ଅଧିକାରୀ ଓ ଟେକ୍ନିସିଆନ୍ ମାନଙ୍କ ଦ୍ୱାରା ଏହି ରକ୍ତ ସଂରକ୍ଷଣ ୟୁନିଟ୍ ପରିଚାଳିତ ହେବ ।" ପୂର୍ବରୁ ଏହି ଅଂଚଳର ରୋଗୀମାନେ ରକ୍ତ ପାଇଁ ବହୁ ସମସ୍ୟାର ସାମ୍ନା କରୁଥିଲେ । ଗୋଟିଏ ୟୁନିଟ୍ ରକ୍ତ ପାଇଁ ପୂର୍ବରୁ ଯାଜପୁର ଟାଉନ୍ ଯିବାକୁ ପଡୁଥିଲା । ଏଭଳିକି ରକ୍ତଦାନ କରିବା ଲାଗି ରକ୍ତଦାତାମାନେ ହସ୍ପିଟାଲରେ ପହଂଚିପାରୁନଥିଲେ । ସେହି ସମସ୍ୟାକୁ ଦୃଷ୍ଟିରେ ରଖି ସ୍ଥାପନ କରାଯାଇଥିବା ଏହି ରକ୍ତ ସଂରକ୍ଷଣ ୟୁନିଟ୍ କଳିଙ୍ଗନଗର ଓ ତାହାର ଆଖପାଖ ସମସ୍ୟାକୁ ସମାଧାନ କରିବାରେ ସକ୍ଷମ ସାବ୍ୟସ୍ତ ହେବ ବୋଲି ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲ୍, କଳିଙ୍ଗନଗରର ମେହିକାଲ୍ ସୁପରିଟେଣ୍ଟ୍ ଡକ୍ଟର ସୁଧାଂଶୁ ଶେଖର ସୁତାର କହିଛନ୍ତି ।"ଉତ୍ସର୍ଗୀକୃତ ମେଡିକାଲ୍ କର୍ମଚାରୀ ଏବଂ ଟେକ୍ନିସିଆନ୍‌ଙ୍କୁ ନେଇ ଏହି ବ୍ୟବସ୍ଥା ହେଉଛି ହସ୍ପିଟାଲ ପାଇଁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଏବଂ ସମାଜ ପାଇଁ ବିଶେଷ ଭାବେ ଲାଭଦାୟକ ହେବ । ଏଠାରେ ଏହା ସୂଚନାଯୋଗ୍ୟ ଯେ ବାଟା ଷ୍ଟିଲ୍ ମେଡିକା ହସ୍ପିଟାଲ, କଳିଙ୍ଗନଗର ଅଂଚଳରେ ବାସ କରୁଥିବା ଲୋକମାନଙ୍କୁ ବିଶ୍ୱ ସ୍ତରୀୟ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ଲାଗି ଉଦ୍ୟମ କରୁଛି ।

ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ବିଭାଗର ତଥ୍ୟଲିକ୍ ଘଟଣାରେ ଜଣେ ବରିଷ୍ଠ ଅଧିକାରୀ ଗିରଫ

ବାଲେଶ୍ୱର ,(ପି.ଏନ): ଚାନ୍ଦିପୁର ସ୍ଥିତ ପ୍ରତିରକ୍ଷା ବିଭାଗର ଗୁପ୍ତତଥ୍ୟ ଲିକ୍ ଅଭିଯୋଗରେ ଆଜି ବାଲେଶ୍ୱର ପୁଲିସ୍ ଆଇ ଟି ଆଇର ଜଣେ ବରିଷ୍ଠ ଅଧିକାରୀଙ୍କୁ ଗିରଫ କରିଛି । ଜଣେ ସୁନ୍ଦରୀ ତରୁଣୀଙ୍କ ଦ୍ୱାରା ଆକର୍ଷିତ ହୋଇ ଏହି ବରିଷ୍ଠ ଅଧିକାରୀ ଜଣଙ୍କ ପାକିସ୍ଥାନର ରାଉଲପିଣ୍ଡିକୁ ଗପ୍ତତଥ୍ୟମାନ ମୋବାଇଲ ସାହାଯ୍ୟରେ ପ୍ରେରଣ କରୁଥିଲେ ବୋଲି ଆଜି ମଧ୍ୟାହ୍ନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆଇଜି ଶ୍ରୀ ହିମାଂଶୁ ଲାଲ ଓ ଏସ.ପି ସାଗରିକା ନାଥ ପ୍ରକାଶ କରିଛନ୍ତି ।ଏହି ପ୍ରକ୍ରିୟା ଦୀର୍ଘ ଏକ ବର୍ଷ ଧରି ଚାଲୁଥିଲା ବୋଲି ସେ ପ୍ରକାଶ କରିଛନ୍ତି ।

ହାକୁଆ ମେଳଣ ପ୍ରସ୍ତୁତି ବୈଠକ

ଫୁଲନଖରା, (ପି.ଏନ): ସଦର ଥାନା ଶଙ୍କତ୍ରାସ ଅଞ୍ଚଳର ପ୍ରସିଦ୍ଧ ହାକୁଆ ମେଳଣ ପାଇଁ ଏକ ପ୍ରସ୍ତୁତି ବୈଠକ ଶଙ୍କତ୍ରାସସ୍ଥିତ ୨୨ଗାଦି ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଆଇନଜୀବୀ ଉମାକାନ୍ତ ନନ୍ଦ ଅଧ୍ୟକ୍ଷତା କରିଥିଲେ । ଯାତ୍ରା କମିଟି ସଭାପତି ପ୍ରଦ୍ୟୁମ୍ନକୁମାର ପତି, ଆଇଆଇସି ରଶ୍ମିରଂଜନ ମହାପାତ୍ର, ଏସିପି ଚନ୍ଦନ ଘଡ଼େଇ, ଉଷୁମା ସରପଞ୍ଚ ପ୍ରତିନିଧି ଯତୀନ୍ଦ୍ରକୁମାର ସାହୁ, ଖଣ୍ଡାଏତା ସରପଞ୍ଚ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଚନ୍ଦ୍ରମଣି ପ୍ରଧାନ, ପ୍ରଫୁଲ ଛାଟୋଇ, ସନ୍ତୋଷକୁମାର ପତି, ଦେବରଂଜନ ବୈଠାଳୁ, ଚିତ୍ତରଂଜନ ପ୍ରଧାନ, ବିନ୍ଦୁଭୂଷଣ ନନ୍ଦ, ବୈଦ୍ୟନାଥ ପତି, ରବିନ୍ଦ୍ର ବାରିକ, ସୌମ୍ୟରଂଜନ ପତି, ସାନୁ ପତି ଏବଂ ରକେଟ୍ସ କ୍ଲବର ସନ୍ଦୀପ ରାଉତ, ସୁଜିତ ବୈଠାଳୁ, ପୁପୁନ ମହାନ୍ତି, ପ୍ରଶାନ୍ତ ସାହୁ, ରଶ୍ମିରଂଜନ ଦାସ, ବିଜୟକୁମାର ବାରିକ ପ୍ରମୁଖ ଯୋଗଦେଇ ଆସନ୍ତା ୮ତାରିଖରେ ହେବାକୁ ଥିବା ମେଳଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ସୁପରିଚାଳନା ନେଇ ଆଲୋଚନା କରିଥିଲେ । ନିଶା ଦ୍ରବ୍ୟ ବର୍ଜନ, ଡିଜେ ବ୍ୟବହାର ନକରି ଶାନ୍ତି ଶୃଙ୍ଖଳା ବଜାୟ ରଖିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ୨୨ଗାଦି ମାର୍ଫତଦାର ଓ ରକେଟ୍ସ କ୍ଲବ ସଦସ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

ଚାକିରୀ କରେଇ ଦେବା ନାଁରେ ଠକେଇ-ଥାନାରେ ଏତଲା

ପାରାଦୀପ,(ପି.ଏନ): ପାରାଦୀପର ଏକ କମ୍ପାନୀରେ ନିଯୁକ୍ତି କରାଇ ଦେବା ନାଁରେ ଲକ୍ଷାଧିକ ଟଙ୍କା ନେଇ ନିଯୁକ୍ତି ନ ଦେବାରୁ ସଂପୃକ୍ତ ବ୍ୟକ୍ତିଙ୍କ ନାମରେ ଲିଖିତ ଅଭିଯୋଗ ହୋଇଛି । ଘଟଣାରୁ ପ୍ରକାଶଯେ, ପାରାଦୀପ ମଧୁବନ ଜଗନ୍ନାଥ ମନ୍ଦିର ନିକଟ ଜଗନ୍ନାଥ କଲୋନୀ ବଙ୍ଗାଳୀ ପଡାର ନିତାଇ ମଣ୍ଡଳଙ୍କୁ ପାରାଦୀପର ଚେନ୍ନାଇ ରାଧା ଇଂଜିନିୟରିଙ୍ଗ କମ୍ପାନୀରେ ନିଯୁକ୍ତି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ସେହି ବସ୍ତିରେ ରହୁଥିବା ଅଜିତ କୁମାର ଦାସ । ଏହି ନିଯୁକ୍ତି ପାଇଁ ଅଗ୍ରିମ ଏକ ଲକ୍ଷ ଟଙ୍କା ଓ ନିଯୁକ୍ତି ପାଇବା ପରେ ଅବଶିଷ୍ଟ ଅଶି ହଜାର ଟଙ୍କା ଦେବା ପାଇଁ ଅଜିତ ନିତାଇଙ୍କୁ କହିଥିଲେ । ସର୍ତ୍ତମୂତାବକ ନିତାଇ ଓ ତାଙ୍କ ସ୍ତ୍ରୀ ପାର୍ବତୀ ମଣ୍ଡଳ ଅଜିତଙ୍କୁ ଏକ ଲକ୍ଷ ଟଙ୍କା ଦେଇଥିଲେ । ଟଙ୍କା ଦେବାର ପ୍ରାୟ ଦୁଇ ବର୍ଷ ବିତି ଯାଇଥିଲେବି ଅଜିତ ଚାକିରୀ ଦେବା ପାଇଁ ସମୟ ଗଡେଇ ଚାଲିଥିଲେ । ବାଧ୍ୟ ହୋଇ ନିତାଇ ରାଜ୍ୟ ବାହାରକୁ ପଳେଇ ଯାଇ ସେଠାରେ କାର୍ଯ୍ୟ କରୁଥିଲେ । ଅପରପକ୍ଷରେ ସେଠାରୁ ଫେରି ନିଯୁକ୍ତି ତ ଦେଲ ନାହିଁ ଆମ ପଇସା ଫେରାଇ ଦିଅ ବୋଲି କହିବାକୁ ନିତାଇଙ୍କ ସ୍ତ୍ରୀ ପାର୍ବତୀ ଅଜିତଙ୍କ ଘରକୁ ଯାଇଥିଲେ । ସେଠାରେ ଅଜିତ,ତାଙ୍କ ସ୍ତ୍ରୀ ମମତା ଓ ଦୁଇ ପୁଅ ପାର୍ବତୀଙ୍କୁ ଅଶ୍ଳୀଳ ଭାଷାରରେ ଗାଳିଗୁଲଜ କରିବା ସହିତ ମରଣାନ୍ତକ ଆକ୍ରମଣ କରିଥିବା ନେଇ ପାର୍ବତୀ ଶୁକ୍ରବାର ଦିନ ପାରାଦୀପ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପ୍ରକାଶଥାଉକି, ପୂର୍ବରୁ ଅଜିତଙ୍କ ନାମରେ ଚିଟ୍‌ଫଣ୍ଡ ଠକେଇ ମାମଲାରେ ଟଙ୍କା ଆତ୍ମସାତ କରିଥିବା ନେଇ ପାରାଦୀପ ଥାନାରେ ଅଭିଯୋଗ ହୋଇଥିଲା । ତେବେ ଏହି ଘଟଣାକୁ ନେଇ ବସ୍ତିରେ ଚାପା ଉତ୍ତେଜନା ଦେଖା ଦେଇଛି ।

ଏ ବଜେଟ୍ ସାଧାରଣ ଜନତାଙ୍କ ବୁକୁରେ ବୁଲେଟ୍ : ମାୟାଧର

ଭୁବନେଶ୍ୱର, (ପି.ଏନ): ଅର୍ଥମନ୍ତ୍ରୀ ରାଜ୍ୟର ୨୦୨୩-୨୪ ପାଇଁ ଏକକାଳୀନ ସାଧାରଣ ଓ କୃଷି ବଜେଟ୍ ୨ ଲକ୍ଷ ୩୦ ହଜାର କୋଟି ଟଙ୍କାର ବ୍ୟୟ ଆକଳନ ଆଗତ କରିଛନ୍ତି । କୃଷି ବଜଟେ୍‌ରେ ୨୪ ହଜାର ୮୨୯ କୋଟି ଟଙ୍କା ଓ ସାଧାରଣ ବଜେଟ୍‌ରେ ୨ ଲକ୍ଷ ୫ ହଜାର ୧୭୧ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଗତ ୨୦୨୨-୨୩ରେ ବଜେଟର ବ୍ୟୟବରାଦ ଥିଲା ୨ ଲକ୍ଷ କୋଟି ଟଙ୍କା - ଏ ବର୍ଷ ୧୫ ପ୍ରତିଶତ ବଢାଇଛନ୍ତି । ୨୦୨୪ ନିର୍ବାଚନ ପୂର୍ବରୁ ସବୁ ଟଙ୍କା ଖର୍ଚ୍ଚକରି ପୁନରାୟ ଋଣ କରିବାର ଆଶଙ୍କାକୁ ଏହାଇ ଦିଆଯାଇନପାରେ ନିଶ୍ଚୟ । ଆମ ଓଡିଶା ତ ଦେଶର ୨୮ଟି ରାଜ୍ୟ ମଧ୍ୟରୁ ତଳକୁ ଖସିଖସି ଏବେ କଷ୍ଟେମଷ୍ଟେ ୨୦ରେ ସ୍ଥାନ ପାଉପାଉ ହାମୁଡି ପଡିଲାଣି । ଆମେ କେତେ ଦରିଦ୍ର ଏଇଥିରୁ ଅନୁମାନ କରୁଥିବେ ବୋଲି ବରିଷ୍ଠ ଶ୍ରମିକନେତା ମାୟାଧର ନାୟକ ଏକ ପ୍ରେସ୍ ଇସ୍ତାହାରରେ କହିଛନ୍ତି । ଶ୍ରୀ ନାୟକ ଲେଖିଛନ୍ତି - ସରକାର ସମୁଦାୟ ୪୦ଟି ବିଭାଗ ପାଇଁ ସବୁ ଖର୍ଚ୍ଚ ଅଟକଳ କରିଛନ୍ତି । ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଜଳସେଚନ, କର୍ମନିଯୁକ୍ତି ସବୁଠୁ ବେଶୀ ପ୍ରୟୋଜନ । କେବଳ ଅନ୍ୟ ବିଭାଗକୁ ସନ୍ତୁଷ୍ଟ କରିବାକୁ ଯାଇ ଏହି ମୁଖ୍ୟ ୫ ବିଭାଗକୁ ପ୍ରଯ୍ୟାପ୍ତ ଅର୍ଥ ବ୍ୟୟର ଅଟକଳ କରାଯାଇପାରିନିନି । ୨୦୨୪ ନିର୍ବାଚନକୁ ଆଖିରେ ରଖି ବରଂ ନ୍ତମାଗଣାଖିଆ ସଂସ୍କୃତିନ୍ତ ଦିଗଟାକୁ ଉତ୍ସାହିତ କରାଯାଇଛି । ଏ ତ ମାମୁଲି ବଜେଟ୍ ମାତ୍ର ।୨ ଲକ୍ଷ କୋଟି କ'ଣ - ଅତି କମ୍‌ରେ ତ ଏ ବର୍ଷର ବଜେଟ୍ ଅନ୍ତତଃ ୧୦ ଲକ୍ଷ କୋଟି ଟଙ୍କା ହେବା ଏକାଞ୍ଚ ଆବଶ୍ୟକ ଥିଲା । ଏ ଟଙ୍କା କୋଉଠୁ ଆସିବ, କିଭଳି ଖର୍ଚ୍ଚ ହେବ, ତା'ର ସୂତ୍ର ହେଉଛି - ଯେଉଁ ରାଜକୋଷଲୁଟେରା, ମନ୍ତ୍ରୀ, ବିଧାୟକ, ନେତା, ଅଫିସର, କର୍ମଚାରୀ, ଶିଳ୍ପମାଲିକ, ଠିକାଦାର, ଯିଏବି ହେଉ ସେମାନଙ୍କ ଆୟବର୍ହିଭୂତ ସମ୍ପତ୍ତି ଜବଦ କରି ରାଜକୋଷକୁ ଅଣାଗଲେ ରାଜ୍ୟବାସୀଙ୍କ ଉପରେ ଥିବା ଋଣ ବୋଝ ପରିଶୋଧ ପୂର୍ବକ ଏଥର ବଜେଟ୍ ଆୟ ଅଟକଳ ୧୦ ଲକ୍ଷ କୋଟି ଟଙ୍କାର ବ୍ୟୟ ବରାଦ ଅନାୟାସରେ ସ୍ଥିର କରାଯାଇପାରିବ । ୨୦୨୩-୨୪ ବଜେଟ୍‌ରେ ୧୦ ଲକ୍ଷ କୋଟି ଟଙ୍କା ବ୍ୟୟ ଅଟକଳ କରିବାପାଇଁ ୧୪୭ ଏମ୍.ଏଲ୍.ଏ., ସବୁ ବିଭାଗ ସେକ୍ରେଟାରୀ, ସମ୍ବାଦପତ୍ର, ସାମ୍ବାଦିକ, ବୁଦ୍ଧିଜୀବୀ, ଅର୍ଥନୀତିଜ୍ଞମାନଙ୍କୁ ଏପରିକି ଦିଲ୍ଲୀରେ ବିଶିଷ୍ଟଜନଙ୍କୁ ଓଡିଆ, ଇଂରାଜୀରେ ୨୩ ତାରିଖରେ ପଠାଇସାରିଛି । ଆଶା ଓ ବିଶ୍ୱାସ କେହି ନା କେହି ବିଧାନସଭା ଭିତରେ ଓ ବାହାରେ ମୋର ବିକଳ୍ପ ବଜେଟର ସ୍ୱର ଉତ୍ତୋଳନ କରିବେ । କେନ୍ଦ୍ର ସରକାର ହେଉ କି ରାଜ୍ୟ ସରକାର ହେଉ କି ଯେଉଁ ସରକାର ହେଉ ଜନଯାତନାକ୍ଲିଷ୍ଟ ଜୀବନଧାରାରେ ସୁଧାର ଆଣିବା ସକାଶେ ସଂକଳ୍ପ ନ'ନେଲେ ତମେସବୁ କୁଶପୁତ୍ତଳିକା ହେବାକୁ ବାଧ୍ୟ - ଏ ଜନବିମୁଖ ସରକାରମାନଙ୍କ କରାଳ ଭବିଷ୍ୟତ ବିକ୍ଷୁବ୍ଧ ଲେଲିହାନ୍ ଜନାଗ୍ନିର ହିଁ ଅଚିରେ ଅସହାୟ ଆହୁତି ହେବ ହିଁ ହେବ ବୋଲି କଡା ଚେତାବନୀ ଶୁଣାଇ ଶ୍ରୀ ନାୟକ ସତର୍କ କରାଇ ଦେଇଛନ୍ତି ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009